୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK

पर्यवेक्षक

Vol.27 . No.27 Bhubaneswar Tuesday March 4 2025 | ୨୭ତମ ବର୍ଷ | ସଂଖ୍ୟା-୨୭ ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୪, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹1.50 | (Air Surcharge - 0.50P) | Member-INS

## ନୋଟିସ୍ ଫାଙ୍କି ବୁଲୁଥିଲେ ବିଜେଡି ନେତା ରାଜା ଚ୍ହକ୍ର: ଗଡଫାଦର ମାରିଲେ ଫେଲ୍ , କୋର୍ଟଙ୍କ ତାଗିଦ୍ ପରେ ହେଲେ ହାଜର

ଭୁବନେଶ୍ୱର,୩।୩(ପି.ଏନ): ଖଣିଜ ପରିବହନ ଅନିୟମିତତା ଓ ଟିକସ ଫାଙ୍କିବା ଅଭିଯୋଗରେ ରାଜ୍ୟ କ୍ରାଇମବ୍ରାଂଚ୍ର ଅର୍ଥନୀତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ର ନୋଟିସକୁ ଫାଙ୍କି ବୁଲୁଥିଲେ ବିଜେଡି ନେତା ସୌମ୍ୟ ଶଙ୍କର ଚ୍ହକ୍ର ଓରଫ ରାଜା ଚ୍ହକ୍ର । ପ୍ରାୟ ଏକମାସ ଧରି ଲୁଚ୍ହକାଳି ଖେଳ ଓ ତାଙ୍କ ଗଡଫାଦରମାନଙ୍କ ସବୁ କାରସାଦି ଫେଲ୍ ମାରିବା ପରେ କୋର୍ଟଙ୍କ ନିର୍ଦ୍ଦେଶରେ ସୋମବାର ୧୧ଟାରେ ଇଓଡବ୍ଲ୍ୟୁରେ ହାଜର ହେଲେ ରାଜା ଚ୍ହକ୍ର । କେବଳ ରାଜା ନୁହଁନ୍ତି ଏହି ଅନିୟମିତତା ଓ ଟିକସ ଫାଙ୍କି ମାମଲାରେ ରାଜାଙ୍କ ୩ଜଣ ସହଯୋଗୀଙ୍କୁ ମଧ ଇଓଡବ୍ଲ୍ୟୁରେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି ।ରାଜାଙ୍କୁ ଜେରା ପରେ ବିଜେଡିର ଅଘୋଷିତ ସର୍ବ ?ସର୍ବା ଭିକେ ପାଣ୍ଡିଆନ ଓ ତାଙ୍କ ଖାସ୍ ସହଯୋଗୀମାନଙ୍କ ମଧରେ କମ୍ପନ ସୃଷ୍ଟି ହୋଇଛି । ଜେରାରୁ ବର୍ତ୍ତିବା ପାଇଁ ସବୁ କୌଶଳ ଫେଲ୍ ମାରିବା ଓ ଏପରିକି କୋର୍ଟରୁ ନିରାଶ ହେବାପରେ ରାଜା ସୋମବାର ହାଜର ହୋଇଛନ୍ତି ଓ ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ତାଙ୍କୁ ଇଓଡବ୍ଲ୍ୟୁ ଅଧିକାରୀମାନଙ୍କ ମାରାଥନ୍ ଜେରାର ସମ୍ମୁଖୀନ ହେବାକୁ ପଡିବ ବୋଲି ଜଣାପଡିଛି । ରାଜାଙ୍କୁ ଜେରା ପରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଖଣିଜ ପରିବହନ କମ୍ପାନୀ ଓ ଖଣି କାରବାରରେ ହୋଇଥିବା କୋଟିକୋଟି ଟଙ୍କାର କିକବ୍ୟାକ୍ ଓ ଅନିୟମିତତାର ପର୍ଦ୍ଦାଫାସ ହେବା ସହ ତାଙ୍କର ଗଡଫାଦରମାନଙ୍କ ପାଇଁ ଅଡୁଆ ବଢ଼ିବାର ଆଶଙ୍କା ରହିଛି । ଖଣି କାରବାରରେ ରାଜା ଚ୍ହକ୍ରଙ୍କ ଅଭ୍ୟୁଦୟ ଓ ପ୍ରଭାବବିସ୍ତାର ମଧ କୌଣସି ଫିଲ୍ମ କାହାଣୀଠୁ କିଛି କମ୍ ନୁହେଁ ।




**କିଏ ଏ ରାଜା ଚ୍ହକ୍ର ?**

ଯୁବ ବିଜେଡିର ଉପସଭାପତିରୁ ସିଧାସଳଖ ତୃତୀୟ ମହଲାର ଖାସ୍ । ବିଜେଡି ସରକାରର ଶେଷ ପାଳିରେ ମାତ୍ର କିଛିଦିନ ମଧରେ ସେ ପାଲଟିଗଲେ କେନ୍ଦୁଝର ଜିଲ୍ଲାରେ ଖଣି କାରବାରର ବାଦଶାହ । ପ୍ରଶାସନଠୁ ଆରମ୍ଭ କରି ଖଣି କମ୍ପାନୀଗୁଡିକ ତାଙ୍କର ବିନା ଅନୁମତିରେ ପଲ୍ଲୀସଭାଠୁ ଆରମ୍ଭ କରି ଖଣି ଖନନ ଓ ଖଣିଜ ପରିବହନ ମଧ କରିବା ସମ୍ଭବପର ହେଉନଥିଲା । ବିଜେଡିର ଅଘୋଷିତ ସର୍ବ ?ସର୍ବା ଭିକେ ପାଣ୍ଡିଆନ ଓ ତାଙ୍କ ଖାସ୍ ସହଯୋଗୀମାନଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଖୁବ୍ କମ୍ ଦିନ ମଧରେ କେନ୍ଦୁଝର ଜିଲ୍ଲାରେ ଖଣି କାରବାରର ବାଦଶାହ ପାଲଟିଯାଇଥିଲେ ବିଜେଡି ଯୁବନେତା ରାଜା ଚ୍ହକ୍ର ଓରଫ ସୌମ୍ୟଶଙ୍କର ଚ୍ହକ୍ର । ବିଗତ ୨-୩ବର୍ଷ ଧରି( ୨୦୨୦ରୁ ୨୦୨୪ ମସିହାରେ ବିଜେଡି ସରକାର କ୍ଷମତାଚ୍ୟୁତ ହେବାପର୍ଯ୍ୟନ୍ତ) ତାଙ୍କ ବିନା କେନ୍ଦୁଝରରେ ଖଣି ଖନନଠୁ ଆରମ୍ଭ କରି ଖଣିଜ ସାମଗ୍ରୀ ପରିବହନ କରିବା ମଧ ସମ୍ଭବପର ହୋଇପାରୁନଥିଲା ।

## ରାୟଗଡାରେ ବାଇକ୍ ଧକ୍କା: ୨ ମୃତ, ୩ ଆହତ

ରାୟଗଡା, ୩।୩(ପି.ଏନ): ରାୟଗଡାର ମୁନିଗଡା ଗ୍ୟାସ ଗୋଦାମ ପାଖରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି । ୨ଟି ବାଇକ୍ ମୁହାଁମୁହିଁ ହେବାରୁ ଏହି ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ଏହି ଘଟଣାରେ ୩ ଆହତଙ୍କୁ ବ୍ରହ୍ମପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।

## ମୁଖ୍ୟମନ୍ତ୍ରୀଙ୍କ ବଡ଼ ସୂଚ୍ହନା: ମାର୍ଚ୍ଚ ୫ରେ ପାଳନ ହେବନି ପଞ୍ଚାୟତିରାଜ ଦିବସ

ଭୁବନେଶ୍ୱର,୩।୩: ମାର୍ଚ୍ଚ ୫ ତାରିଖରେ ପାଳନ ହେବନି ପଞ୍ଚାୟତିରାଜ ଦିବସ। ଏପ୍ରିଲ ୨୪ରେ ପାଳନ ହେବ ପଞ୍ଚାୟତିରାଜ ଦିବସ। ଏ ନେଇ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସୂଚ୍ହନା ଦିଆଯାଇଛି। ପ୍ରତି ବର୍ଷ ଏପ୍ରିଲ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହୁଏ। ଜାତୀୟ ଓ ରାଜ୍ୟସ୍ତରରେ ଥିବା ଅସହଂତିକୁ ଦୂର କରିବାକୁ ଏଭଳି ପଦକ୍ଷେପ ନିଆଯାଇଛି। ଏଥିସହ ମାର୍ଚ୍ଚ ୫ରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀକୁ ଆଡ଼ମ୍ବର ସହ ପାଳିବାକୁ ମଧ ନିଷ୍ପତ୍ତି ନିଆଯାଇଛି।

## ଚ୍ହଳିତବର୍ଷ ଆଗୁଆ ହେବ ଖରାଛୁଟି, ଖୁବଶୀଘ୍ର ଆସିବ ଗାଇଡଲାଇନ୍

ଭୁବନେଶ୍ୱର,୩।୩(ପି.ଏନ): ଏଥରକ ଖରାଛୁଟି ଆଗୁଆ ହୋଇପାରେ । କାରଣ ଉତ୍ତାପ ଯେଉଁଭଳି ବଢ଼ିଚ୍ହାଲିଛି, ସେ ଅନୁସାରେ ପିଲାଙ୍କ ପାଇଁ ସ୍କୁଲ, କଲେଜ ଯିବା କଷ୍ଟକର ହୋଇପଡିବ ।ଅନ୍ୟପକ୍ଷେ ମାର୍ଚ୍ଚରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ସ୍କୁଲ ଓ କଲେଜ ପାଇଁ ଖୁବଶୀଘ୍ର ଗାଇଡଲାଇନ୍ ଆସିବ । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଦିନେ ୨ ଦିନରେ ପିଲାଙ୍କ ପାଇଁ ସ୍ୱତନ୍ତ୍ର ଗାଇଡଲାଇନ୍ ଆସିବ ବୋଲିସ ସୂଚ୍ହନା ।ଏ ନେଇ ସ୍କୁଲ, ଗଣଶିକ୍ଷା ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗ ସହିତ ରାଜସ୍ୱ ବିଭାଗର ଆଲୋଚ୍ହନା ସରିଥିବା ଜଣାପଡିଛି । ବ ?ୁଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏ ପ୍ରକାର ନିଷ୍ପତ୍ତି ନିଆଯାଇଛି ।



## ବିଜେପି ଲାଗି କଣ୍ଟା ହେଲାଣି ନିଗମ ଓ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ସରକାର ଗଠନର ୮ ମାସ ପରେ ବି ଛିଡୁନି ଅଙ୍କ

ଭୁବନେଶ୍ୱର,୩।୩(ପି.ଏନ): ବିବାଦୀୟ ସ୍ଥିତିରେ ବିଜେପିର ନିଗମ ବଣ୍ଟନ ପ୍ରକ୍ରିୟା । ଘୋଷଣା ପୂର୍ବରୁ ଆରମ୍ଭ ହେଲାଣି ବିବାଦ। ମୁହଁ ଖୋଲିଲେଣି ଦଳର ପ୍ରମୁଖ ଦାବିଦାର। ପଦ ତୁଳନାରେ ବଢି ଚ୍ହାଲିଛି ଆଶାୟୀଙ୍କ ସଂଖ୍ୟା। ସରକାର ଗଠନର ୮ ମାସ ପରେ ବି ନିଗମ ବଣ୍ଟନ କରିପାରୁନି ବିଜେପି। ଯାହାକୁ ନେଇ ଏବେ ମୁହଁ ଖୋଲିଲେଣି ପୂର୍ବତନ ବିଧାୟକ ସୁବାସ ପାଣିଗ୍ରାହୀ। ତାଙ୍କ ଯୁକ୍ତି ହେଉଛି, ନିଗମ ଘୋଷଣା ହେବ ହେବ କହି ସମୟ ଗଡିଚ୍ହାଲିଛି । ଆମେ ଦଳ ପାଇଁ କାମ କରିଛୁ, ତେଣୁ ନିଗମ ବଣ୍ଟନ ବେଳେ ଦଳର ବରିଷ୍ଠ ନେତାଙ୍କ ନେତୃତ୍ୱ ରହିବ । ଅନ୍ୟପଟେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡାଙ୍କ ଓଡିଶା ଗସ୍ତ ପରେ ବି ନିଗମ ଘୋଷଣା ହୋଇପାରୁ ନଥିବାରୁ ଉଠିଛି ପ୍ରଶ୍ନ ।ସେପଟେ ମନ୍ତ୍ରିମଣ୍ଡଳରେ ଖାଲି ପଡିଛି ୬ଟି ଆସନ। ଏହି ସ୍ଥାନ ମୁଖ୍ୟମନ୍ତ୍ରୀ ପୂରଣ କରିବେ କି ନାହିଁ ତାକୁ ନେଇ ମଧ ମୁହଁ ଖୋଲିଲେଣି ବିଜେପି ବିଧାୟକ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବ ବୋଲି ନେତା କହୁଥିବା ବେଳେ, ଦାୟିତ୍ୱ ନେବାକୁ ମଧ ପ୍ରସ୍ତୁତ ହେଲେଣି। ଏହାରି ଭିତରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ପାୱାର କରିଡରରେ ଚ୍ହର୍ଚ୍ଚା ଆରମ୍ଭ ହୋଇଛି।

## ଉପରମୁହାଁ ତାତି, ଦିନ ୨ଟା ୩୦ ସୁଦ୍ଧା ସମ୍ବଲପୁର ତାପମାତ୍ରା ୩୭ ଡିଗ୍ରୀ

ଭୁବନେଶ୍ୱର,୩।୩(ପି.ଏନ): ଦିନକୁ ଦିନ ବଢ଼ି ଚ୍ହାଲିଛି ତାପମାତ୍ରା । ଆଜି ଦିନ ୨ଟା ୩୦ ସୁଦ୍ଧା ୩୭ ଡିଗ୍ରୀ ଛୁଇଁଛି ତାପମାତ୍ରା । ତତଲା କଡେଇରେ ଭାଜି ହୋଇଛି ସମ୍ବଲପୁର ।ଆଜି ଦିନ ୨ଟା ୩୦ ସୁଦ୍ଧା ସମ୍ବଲପୁର ତାପମାତ୍ରା ୩୭ ଡିଗ୍ରୀ ରହିଥିଲା । ସେହିପରି ଝାରସୁଗୁଡ଼ା ୩୬.୪, ହୀରାକୁଦ ୩୬.୨ ଏବଂ ଭୁବନେଶ୍ୱର ୩୫ ଡିଗ୍ରୀ ତାପମାତ୍ରା ହୋଇଛି ।ଯଦି ଦେଖିବା ଗତକାଲି ମଧ ରାଜ୍ୟର ୧୦ ସହରରେ ତାପମାତ୍ରା ୩୦ ଡିଗ୍ରୀ ପାର କରିଛି । ବୌଦ୍ଧରେ ସର୍ବାଧିକ ୩୮.୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିଲା ।

## ରଥଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ, ହେବ ସ୍ୱତନ୍ତ୍ର 'ଆପ୍' ବ୍ୟବସ୍ଥା



ଭୁବନେଶ୍ୱର,୩।୩(ପି.ଏନ): ଆସନ୍ତା ରଥଯାତ୍ରା ପାଇଁ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ କଲାଣି ପ୍ରଶାସନ । ତେବେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାଙ୍କୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ଅଣ୍ଟା ଭିଡିଛି । ଆଜି ପ୍ରସ୍ତୁତି ବୈଠକ ବସିଥିବା ବେଳେ ରଥଯାତ୍ରା ପାଇଁ ହେବ ସ୍ୱତନ୍ତ୍ର 'ଆପ୍' ବ୍ୟବସ୍ଥା । ବୈଠକ ପରେ ସୂଚ୍ହନା ଦେଲେ ପୁରୀ ଜିଲ୍ଲାପାଳ ।ସବୁ ବିଭାଗର ତଥ୍ୟକୁ ନେଇ 'ଆପ୍' ପ୍ରସ୍ତୁତ ହେବ କହିଲେ ଜିଲ୍ଲାପାଳ । ଏଥିରୁ ସାଧାରଣ ଭକ୍ତ ସବିଶେଷ ତଥ୍ୟ ପାଇପାରିବେ ।୧୫ ଦିନ ଭିତରେ ତଥ୍ୟ ଦେବାକୁ ସବୁ ବିଭାଗକୁ କୁହାଯାଇଛି । ରଥଯାତ୍ରା ବେଳେ ସମ୍ବେଦନଶୀଳ ସ୍ଥାନରେ ଇଓ କ୍ୟାମେରା ଲାଗିବ ବୋଲି ମଧ ପୁରୀ ଜିଲ୍ଲାପାଳ କହିଛନ୍ତି ।

## ଗଞ୍ଜେଇ, ପ୍ରସାଦ ଓ IIT ବାବା: କ'ଣ ପାଇଁ ମାମଲା ରୁଜୁ କଲା ପୁଲିସ୍



ନିକଟରେ ଶେଷ ହୋଇଥିବା ମହା କୁମ୍ଭ ମେଳା ବେଳେ ଚ୍ହର୍ଚ୍ଚାକୁ ଆସିଥିବା ଅଭୟ ସିଂହ ଓରଫ ଆଇଆଇଟି ବାବାଙ୍କୁ ନେଇ ବଡ ଖବର ସାମ୍ନାକୁ ଆସିଛି। ତାଙ୍କ ନାଁରେ ରାଜସ୍ଥାନ ପୁଲିସ୍ ରୁଜୁ କରିଛି ମାମଲା। ତାଙ୍କୁ ପୁଲିସ୍ ଆଜି କିଛି ସମୟ ଅଟକ ମଧ ରଖିଥିଲା। ମାମଲା ରୁଜୁ ହୋଇଥିଲେ ହେଁ ସେ ଗିରଫଦାରୀରୁ ବର୍ତ୍ତି ଯାଇଛନ୍ତି।କିନ୍ତୁ ଆଇଆଇଟି ବାବାଙ୍କ ନାଁରେ କ'ଣ ପାଇଁ ପୁଲିସ୍ ମାମଲା ରୁଜୁ କରିଛି ? ଏହାର କାରଣ ହେଲା ବାବାଙ୍କ ପାଖରୁ ମିଳିଛି ଗଞ୍ଜେଇ ପ୍ୟାକେଟ। ପୁଲିସ୍ ? ତାଙ୍କ ପାଖରୁ ଗଞ୍ଜେଇ ଜବତ କରି ମାମଲା ରୁଜୁ କରିଥିଲେ ହେଁ ଆଇଆଇଟି ବାବା ଏହାକୁ ବେଶ ହାଲୁକା ଭାବେ ନେଇଛନ୍ତି। ଗଞ୍ଜେଇ ଗୋଟିଏ ନିଶାଦ୍ରବ୍ୟ ହୋଇଥିଲେ ହେଁ ଏହାକୁ ସେ ପ୍ରସାଦ ବା ଭୋଗ ବୋଲି ସେ କହିବା ଚ୍ହର୍ଚ୍ଚା ସୃଷ୍ଟି କରିଛି।

## ବିଜେପି ପାଇଁ ଓଡ଼ିଆ ଅସ୍ମିତା ଏକ ନିର୍ବାଚ୍ହନୀ ଜୁମଲା,ଭୋଟ ସରିବା ପରେ ସବୁ ଭୁଲି ଗଲା ଦଳ

ଭୁବନେଶ୍ୱର,୩।୩(ପି.ଏନ): କୋଟିଆରେ ଆନ୍ଧ୍ରର ମନମାନି । ପୋଲାଭରମରେ ଆନ୍ଧ୍ରକୁ ଅହେତୁକ ଅନୁକମ୍ପା। ଡବଲ ଇଂଜିନ ସରକାର ଭୁଲିଯାଇଛନ୍ତି ସ୍ୱତନ୍ତ୍ର ରାଜ୍ୟପ୍ୟାହା, ସ୍ୱତନ୍ତ୍ର ପ୍ୟାକେଜ, ମହାନଦୀ ଜଳ ବିବାଦ କଥା । କଂଗ୍ରେସ ଅଭିଯୋଗ କରିଛି – ବିଜେପି ସରକାର ଓଡ଼ିଆ ଅସ୍ମିତାକୁ ଅପମାନ କରୁଛି। ଓଡ଼ିଶାର, ଓଡ଼ିଆଙ୍କ ସ୍ୱାର୍ଥ ପ୍ରସଙ୍ଗରେ ଶାସକ ଦଳ ଚୁପ୍। ଅସ୍ମିତାକୁ ନେଇ ବିଜେପି ସରକାରଙ୍କ ଦୋମୁହାଁ ନୀତି ପଦାରେ ପଡ଼ିଛି ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ। । ଦଳର ବରିଷ୍ଠ ନେତା ଜୟଦେବ ଜେନା, ବିଜେପି ନେତାଙ୍କୁ ମନେପକାଇ ଦେଇଛନ୍ତି, ସେମାନେ ନିର୍ବାଚ୍ହନ ବେଳେ ଦେଇଥିବା ପ୍ରତିଶୃତି। ୩୦୦ ୟୁନିଟ ବିଜୁଳି ମାଗଣା ଦେବାକୁ ପ୍ରତିଶ୍ରୁତି ଦେଇଥିଲା ବିଜେପି। ଏବେ କିନ୍ତୁ ବିଜୁଳି ଦର କିପରି ବଢିବ ସେ ବ୍ୟବସ୍ଥା କରୁଛି। ଏହାର ଜବାବ ରଖିଛି ବିଜେପି ।ସେପଟେ ବିଜେଡି କହିଛି, ଓଡ଼ିଶାର ସ୍ୱାର୍ଥ ପାଇଁ ଦଳ ଲଢେଇ ଜାରି ରଖିବ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚ୍ହାର୍ଯ୍ୟ କହିଛନ୍ତି, ରାଜ୍ୟର ହକ୍ ପାଇଁ ଲଢେଇ କରିବାକୁ ମାର୍ଚ୍ଚ ୫ ତାରିଖରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ଦଳର ନେତାମାନେ ସଂକଳ୍ପ ନେବେ । ପୋଲାଭରମ, ମହାନଦୀ, କୋଟିଆରୁ ଆରମ୍ଭ କରି ରାଜ୍ୟର ସମସ୍ତ ସ୍ୱାର୍ଥ ପାଇଁ ଦିଲ୍ଲୀରୁ ପଲ୍ଲୀ ଯାଏ ବିଜେଡି ଲଢେଇ କରିବ।

## ଭାରତ ଶାସନରେ ଓଡିଆ ଓ ଓଡିଶା କ୍ୟାଡର ଅଫିସର

ଭୁବନେଶ୍ୱର,୩।୩(ପି.ଏନ): ଭାରତ ଶାସନର ଅନେକ ଶୀର୍ଷ ପଦରେ ଏବେ ଓଡିଆ ଓ ଓଡିଶା-କ୍ୟାଡର ଅଫିସରଙ୍କ ଦବଦବା ଜାରି ରହିଛି। ଗତ ଶନିବାର ମୁମ୍ବାଇସ୍ଥିତ ସିକ୍ୟୁରିଟିଜ୍ ଆଣ୍ଡ୍ ଏକ୍ସଚେଞ୍ଜ୍ ବୋର୍ଡ ଅଫ୍ ଇଣ୍ଡିଆ ବା ସେବିର ଅଧକ୍ଷ ଭାବେ ଦାୟିତ୍ୱ ନେଇଛନ୍ତି ୧୯୮୭ ବ୍ୟାଚ୍ ଓଡିଶା କ୍ୟାଡର ଅଫିସର ତୁହିନକାନ୍ତ ପାଣ୍ଡେ। ପୂର୍ବରୁ ଭାରତ ସରକାରଙ୍କ ଅର୍ଥ ଓ ରାଜସ୍ୱ ବିଭାଗର ସଚ୍ହିବ ଥିବା ପାଣ୍ଡେ ସେବିର ପୂର୍ବତନ ଅଧକ୍ଷ ମାଧବୀ ପୁରୀ ବୁଚ୍ହଙ୍କ ପରେ ସେବିର ୧୧ତମ ଅଧକ୍ଷ ଭାବେ ଦାୟିତ୍ୱ ନେଇଛନ୍ତି। ତୁହିନକାନ୍ତ ପାଣ୍ଡେ ପୂର୍ବରୁ ଓଡିଶାରେ ଅର୍ଥ ସମେତ ଅନେକ ବିଭାଗରେ ସଚ୍ହିବ ଭାବେ କାର୍ଯ୍ୟ କରିଛନ୍ତି। ଏବେ ପୁଞ୍ଜି ବଜାରରେ ସ୍ୱଛତା ଓ ନିୟନ୍ତ୍ରଣ ଦିଗରେ ତାଙ୍କର ଗୁରୁ ଦାୟିତ୍ୱ ରହିବ ।ସେହିଭଳି ରିଜର୍ଭ ବ୍ୟାଙ୍କରେ ୬ ବର୍ଷ ପାଇଁ ଗଭର୍ଣ୍ଣର ଥିବା ତାମିଲନାଡୁ-କ୍ୟାଡରର ଓଡିଆ ଆଇଏଏସ୍ ଅଫିସର ଶକ୍ତିକାନ୍ତ ଦାସ ନିକଟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦ୍ୱିତୀୟ ପ୍ରମୁଖ ସଚ୍ହିବ ଭାବେ ନିଯୁକ୍ତି ପାଇଛନ୍ତି। ପୂର୍ବରୁ ଅର୍ଥାତ୍ ୨୦୧୯ରୁ ଗୁଜରାଟ କ୍ୟାଡରର ଓଡିଆ ଆଇଏଏସ୍ ଅଫିସର ପି କେ ମିଶ୍ର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରମୁଖ ସଚ୍ହିବ ଭାବେ କାର୍ଯ୍ୟ କରୁଛନ୍ତି।



## ସରକାରଙ୍କ ଡିଜିଟାଇଜେସନର କରୁଣ ଦୃଶ୍ୟ, ଭତ୍ତା ପାଇବାରୁ ବଞ୍ଚିତ ବାଲେଶ୍ୱରର ଭିନ୍ନକ୍ଷମ ହିତାଧିକାରୀ

ଭୁବନେଶ୍ୱର,୩।୩(ପି.ଏନ): ଚ୍ହାଲିବାକୁ ଶକ୍ତି ନାହିଁ । ବୟସ ପାଖାପାଖି ୭୦ ହେଲାଣି । ପର କାନ୍ଧ ଉପରେ ଭରସା କରି ଜୀବନ ପାଇଁ ସଂଘର୍ଷ କରୁଛନ୍ତି ମହିଳା । ସରକାରୀ ହକ ଟିକିଏ ପାଇବାକୁ ଦୌଡୁଛନ୍ତି ଏ ଅଫିସରୁ ସେ ଅଫିସ । କେବଳ ଦିବ୍ୟାଙ୍ଗ କନକ ନୁହନ୍ତି ନିଜର ହକ ପାଇବାକୁ ଜିଲ୍ଲାପାଳ କାର୍ଯ୍ୟଳୟ ଗାନ୍ଧିମୂର୍ତ୍ତି ତଳେ ବସିଛନ୍ତି ଅନେକ ଦିବ୍ୟାଙ୍ଗ ହିତାଧିକାରୀ । କୁନି ଝିଅକୁ ଧରି ବାପା ଅପେକ୍ଷା କରିଛି, ସରକାର ତାଙ୍କ ଗୁହାରି ଶୁଣିବେ । ହେଲେ ଶୁଣିବାକୁ କେହିନାହାଁନ୍ତି । ଡିଜିଟାଇଜେସନ ନାମରେ ପ୍ରକୃତରେ କିପରି ହନ୍ତସନ୍ତ ହେଉଛନ୍ତି ଲୋକେ, ତାର ଏକ ଜ୍ୱଳନ୍ତ ଚ୍ହିତ୍ର ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ । ବାଲିଆପାଳ ବ୍ଲକର ବିଭିନ୍ନ ପଞ୍ଚାୟତର ହିତାଧିକାରୀଙ୍କୁ ମିଳିନି ଚ୍ହଳିତ ମାସର ଦିବ୍ୟାଙ୍ଗ ଭତ୍ତା । ଅନଲାଇନରେ ଦିବ୍ୟାଙ୍ଗ ସାର୍ଟିଫିକେଟ ପଞ୍ଜୀକରଣ କରିନଥିବାରୁ ଭତ୍ତା ବନ୍ଦ କରାଯାଇଥିବା ଅଭିଯୋଗ ହୋଇଛି ।ଦିବ୍ୟାଙ୍ଗ ମାନଙ୍କର ସାର୍ଟିଫିକେଟ ଡିଜିଟାଇଜେସନ ପାଇଁ ଉତ୍ତଗଡ଼ଙ୍କ ଅଫିସରେ ଅନଲାଇନ ଡିଜିଟାଇଜେସନ ପ୍ରକ୍ରିୟା ଚ୍ହାଲୁ ରହିଛି । ସମସ୍ତ ଦିବ୍ୟାଙ୍ଗଙ୍କୁ ଏନେଇ ଡିଜିଟାଲ ପ୍ରକ୍ରିୟାରେ ନୂଆ ସାର୍ଟିଫିକେଟ କରିବାକୁ କୁହାଯାଇଛି । ତେବେ ଅଭିଯୋଗ କରିଥିବା ହିତାଧିକାରୀ ନୂଆ ସାର୍ଟିଫିକେଟ କରିନଥିବାରୁ ସେମାନଙ୍କୁ ଭତ୍ତା ମିଳି ନଥିବା କହିଛନ୍ତି ଅଧିକାରୀ । ଭତ୍ତା ବନ୍ଦ ନିର୍ଦ୍ଦେଶକୁ ଅସ୍ୱୀକାର କରିବା ସହ ସମସ୍ତଙ୍କୁ ଡିଜିଟାଇଜେସନ ମାଧ୍ୟମରେ ନୂଆ ସାର୍ଟିଫିକେଟ କରିବାକୁ କୁହାଯାଇଛି । ଏନେଇ ଜିଲ୍ଲା ମୁଖ୍ୟ ଚ୍ହିକିତ୍ସାଳୟରେ ସ୍ୱତନ୍ତ୍ର କ୍ୟାମ୍ପ କରାଯାଉଛି । ତେବେ ସେମାନଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରାଯିବ ବୋଲି କହିଛନ୍ତି ଡିଏସଡିଓ । ଜିଲ୍ଲାପାଳଙ୍କ ନିକଟରୁ ନିର୍ଦ୍ଦେଶ ହୋଇନ ନଥିଲେ ସୁଦ୍ଧା ଭତ୍ତା ପାଇଇବା ପାଇଁ ପରିଣତ ବୟସରେ ହନ୍ତସନ୍ତ ହେଉଛନ୍ତି ହିତାଧିକାରୀ ।



## ମାର୍ଚ୍ଚ ମାସର ନିଯୁକ୍ତି କ୍ୟାଲେଣ୍ଡର ଜାରି କଲା ଏସଏସସି ଝଚ୍ହଳିତ ମାସରେ କେଉଁ କେଉଁ ପରୀକ୍ଷା ହେବ ?

ଭୁବନେଶ୍ୱର,୩।୩(ପି.ଏନ): ଓଡ଼ିଶା କର୍ମଚ୍ହାରୀ ଚ୍ହୟନ ଆୟୋଗ (ଡ଼ଝଝଉ) ତରଫରୁ ମାର୍ଚ୍ଚ ମାସ ୨୦୨୫ର ନିଯୁକ୍ତି କ୍ୟାଲେଣ୍ଡର ଜାରି କରାଯାଇଛି । ଚ୍ହଳିତ ମାସରେ କେଉଁ କେଉଁ ପଦ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ, ତାହା OSSC ୱେବସାଇଟରେ ଜାରି କରାଯାଇଛି । ବିଭିନ୍ନ ପଦ ପାଇଁ ଆବେଦନ କରିଥିବା ପ୍ରାର୍ଥୀମାନେ ୱେବସାଇଟକୁ ଯାଇ ପରୀକ୍ଷା ସମ୍ପର୍କିତ ସବିଶେଷ ତଥ୍ୟ ପାଇ ପାରିବେ । କେଉଁ ତାରିଖରେ କେଉଁ ପରୀକ୍ଷା ଅନୁଷ୍ଠିତ ହେବ, ତା'ର ସଠିକ୍ ତାରିଖ ପରବର୍ତ୍ତୀ ସମୟରେ ଅଲଗା ଭାବେ ଜାରି କରାଯିବ ।

– ଚ୍ହଳିତ ମାସ ୧୬ ତାରିଖରେ ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ୨୦୨୩ର ମୁଖ୍ୟ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ ।

– ୨୩ ତାରିଖରେ ଲିଭ ଟ୍ରେନିଂ ରିଜର୍ଭ (LTR) ଶିକ୍ଷକ, ୨୦୨୪ ନିଯୁକ୍ତିର ପ୍ରିଲିମିନାରୀ ପରୀକ୍ଷା ଅନୁଷ୍ଠିତ ହେବ।

– ୨୯ ଓ ୩୦ ତାରିଖରେ ଗ୍ରୁପ-ବି ଓ ଗ୍ରୁପ-ସି ରାଜ୍ୟ କ୍ୟାଡର ପଦ/ସେବା, ୨୦୨୪ ପାଇଁ ମିଳିତ ସ୍ନାତକ ସ୍ତରୀୟ ନିଯୁକ୍ତିର ମୁଖ୍ୟ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ ।

– ୧୮ ତାରିଖ ପରେ ଆସିଷ୍ଟାଣ୍ଟ ଟ୍ରେନିଂ ଅଫିସର (NTC/ଘଇଉ), ୨୦୨୪ର ପ୍ରାକ୍ଟିକାଲ / ଟ୍ରେଡ ଟେଷ୍ଟ ହେବ ।

– ମାସର ଚ୍ହତୁର୍ଥ ସପ୍ତାହରେ ଝଞଇ, ୨୦୨୪ ଅଧିନସରେ ଟ୍ରାଫିକ କନଷ୍ଟେବଲ ଫିଜିକାଲ ମେଜରମେଣ୍ଟ ଓ ଫିଜିକାଲ ଟେଷ୍ଟ କରାଯିବ ।






# ବାସ୍ତୁଶାସ୍ତ୍ରରେ ପିରାମିଡ୍‌ର ଚମତ୍କାରିତା

ବାସ୍ତୁ ଶାସ୍ତ୍ରରେ ପିରାମିଡ୍‌ର ଚମତ୍କାର ଶକ୍ତି ବିଷୟରେ କୁହାଯାଇଛି । ଏହାର ଲାଭ ଉଠାଇବା ପାଇଁ ଘରର ମଧ୍ୟ ଭାଗ ଅର୍ଥାତ୍ ଲିଭିଙ୍ଗ୍ ରୁମର ଛାତକୁ ପିରାମିଡ୍ ଆକାରରେ ତିଆରି କରନ୍ତୁ । ପିରାମିଡର ଛାତ ତଳେ ବସିବା ଦ୍ୱାରା ସ୍ମୃତି ଶକ୍ତି ବୃଦ୍ଧି ପାଇଥାଏ । ଏହା ବ୍ୟତୀତ ଅନିଦ୍ରା, ମୁଣ୍ଡବିନ୍ଧା, ପିଠି ଯନ୍ତ୍ରଣାରୁ ମଧ୍ୟ ଆରାମ ମିଳିଥାଏ । ଯଦି ଆପଣ ଘରର ଅନ୍ୟ କୌଣସି ଅଂଶରେ ପିରାମିଡ୍ ନିର୍ମାଣ କରିବାକୁ ଚାହାଁନ୍ତି, ତେବେ ଏହାର ଗୋଟିଏ ତ୍ରିଭୁଜ ଉତ୍ତର ଦିଗକୁ ରଖନ୍ତୁ । ଏହା ବ୍ୟତୀତ, ଯଦି ଆପଣଙ୍କ ଘରର କୌଣସି କୋଠରୀ କିମ୍ବା ଅନ୍ୟ ସ୍ଥାନର ଐଶାନ୍ୟ କୋଣ ଉଚ୍ଚ ଏବଂ



ନୈରୁତ୍ୟ କୋଣ ନିଚ, ତେବେ ଦକ୍ଷିଣ-ପୂର୍ବର ଛାତ ଉପରେ ପିରାମିଡ୍ ନିର୍ମାଣ କରି ଆପଣ ନୈରୁତ୍ୟ କୋମକୁ, ଐଶାନ୍ୟ କୋଣଠାରୁ ଉଚ୍ଚ କରିପାରିବେ । ଯଦି ଆପଣଙ୍କ ଘରର ଭୂଖଣ୍ଡର ପାର୍ଶ୍ୱଗୁଡିକ ମୁଖ୍ୟ ଦିଗ ସହିତ ସମାନ୍ତରାଳ ନୁହେଁ, ତେବେ ଏହିପରି ଭୂଖଣ୍ଡକୁ ଦିକ୍‌ଦୋଷ ଭୂଖଣ୍ଡ କୁହାଯାଏ । ଯଦି ଆପଣଙ୍କ ଭୂଖଣ୍ଡରେ ଦିକ୍‌ଦୋଷ ବ୍ୟତୀତ ଅନ୍ୟ କୌଣସି ଆକାର ସମ୍ବନ୍ଧୀୟ ଦୋଷ ରହିଥାଏ, ତେବେ ଏହି ଭୁଖଣ୍ଡ ମଧ୍ୟରେ ୯, ୩୬, ୫୪ କିମ୍ବା ୮୧ ପିରାମିଡକୁ ପୋତି ଦିଅନ୍ତୁ । ଏହା କରିବା ଦ୍ୱାରା ଆପଣ ଏହି ଦୋଷରୁ ମୁକ୍ତି ପାଇପାରିବେ । ଏହା ବ୍ୟତୀତ, ଯଦି ଭିଥୀ ଶୋଲ୍ ଦୋଷ ଥାଏ, ତେବେ ଭୂଖଣ୍ଡର ସେହି ଦିଗରେ ୯ ଟି ପିରାମିଡ୍ ରଖନ୍ତୁ ।

# ରକେଟ୍ ଉପରେ ମସ୍କଙ୍କ ୩୦ ଫୁଟିଆ ଛେଳି ମୂର୍ତ୍ତି

ଟ୍ୱିଟର୍ ଅଧିଗ୍ରହଣ କରିବା ପରଠୁ ଖବରର ଶିରୋନାମା ପାଲଟିଛନ୍ତି ଅରବପତି ଉଦ୍ୟୋଗୀ ଏଲନ୍ ମସ୍କ । ଏହି କ୍ରମରେ ତାଙ୍କର ଜଣେ ଫ୍ୟାନ୍ ୩୦ ଫୁଟ ଲମ୍ବା ସ୍ମାରକୀ ନିର୍ମାଣ କରିଛନ୍ତି । ଏହି କଳାକୃତିରେ ଛେଳି ଶରୀରରେ ଏଲନ୍ ମସ୍କଙ୍କ ମୁହଁ ନିର୍ମାଣ କରାଯାଇଛି । ମୂର୍ତ୍ତିଟିକୁ ଏକ ରକେଟ୍ ଉପରେ ରଖାଯାଇଛି । ଟ୍ୱିଟର୍ ୟୁଜର୍ ଜ୍ୟାକ୍ ଜୁଚେଲି ଏହି କଳାକୃତିର ଏକ ଫଟୋ ଶେୟାର କରି ଉଲ୍ଲେଖ କରିଛନ୍ତି ‘ଛେଳି ଶରୀରଯୁକ୍ତ ଏଲନ୍ ମସ୍କଙ୍କର ବିଶାଳ ମୂର୍ତ୍ତିକୁ ଆପଣ ଦେଖିଛନ୍ତି, ଯିଏକି ରକେଟ୍ ଚଳାଉଛନ୍ତି ଏହାକୁ ଏଲନ୍ ଗୋଟ୍ (ଗ୍ରେଟେଷ୍ଟ୍ ଅଫ୍ ଅଲ୍ ଟାଇମ୍) କୁହାଯାଏ । ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ଅନୁସାରେ, ଏହି ମୂର୍ତ୍ତିର ମୂଲ୍ୟ ୬ ଲକ୍ଷ ଡଲାର ଅର୍ଥାତ୍ ହାରାହାରି ୪.୮ କୋଟି ଟଙ୍କା । ମୂର୍ତ୍ତିର ଉଚ୍ଚତା ୫ ଫୁଟ ୯ ଇଞ୍ଚ । କାନାଡାର ସ୍ଥପତି କେଭିନ୍ ଓ ମିଶେଲ ଷ୍ଟୋନ୍ ଏହାକୁ ନିର୍ମାଣ କରିଛନ୍ତି । ମୂର୍ତ୍ତିର ମୁଣ୍ଡ ଆଲୁମିନିୟମ୍‌ରେ ନିର୍ମିତ ହୋଇଛି । ମସ୍କଙ୍କର ଏହି ମୂର୍ତ୍ତି ନିର୍ମାଣର ବିଚାର କ୍ରିପ୍ଟୋକରେନ୍ସି କମ୍ପାନି ଏଲନ୍ ଗୋଟ୍ ଟୋକନ୍ । ଚଳିତ ମାସ ଶେଷବେଳକୁ ଟେକ୍ସାସ୍ ଅଷ୍ଟିନ୍ ସ୍ଥିତ ଟେକ୍ସାନ୍ ଟେସ୍ଲାରେ ମୂର୍ତ୍ତିଟିକୁ ମସ୍କଙ୍କୁ ଉପହାର ଦେବାକୁ କମ୍ପାନି ଚାହୁଁଛି । କ୍ରିପ୍ଟୋକରେନ୍ସି କମ୍ପାନି ମସ୍କଙ୍କୁ ଗ୍ରେଟେଷ୍ଟ ଅଫ୍ ଅଲ୍ ଟାଇମ୍ ବା ‘ସର୍ବକାଳୀନ ମହାନ’ ବ୍ୟକ୍ତି ଭାବେ ସମ୍ବୋଧନ କରି କହିଛି, ଦୀର୍ଘ ୧ ବର୍ଷ ଧରି ଏହି ସ୍ମାରକୀ ନିର୍ମାଣ କରିବା ପରେ ଏହାକୁ ଏଲନ୍‌ଙ୍କୁ ଦେବାର ସମୟ ଆସିଛି । ଆମେ ତାଙ୍କୁ ଭେଟି ଏହାକୁ ଦେବାକୁ ଚାହୁଁଛୁ ।



# ୫୦ ଡିଗ୍ରୀ ତାପମାତ୍ରାରେ ଚାଲୁଛି ସ୍କୁଲ, କିନ୍ତୁ ଖୁବ୍ ଥଣ୍ଡା





ରାଜସ୍ଥାନର ଥର୍ ମରୁଭୂମି, ଯେଉଁଠାରେ ଦିନର ତାପମାତ୍ରା ପ୍ରାୟ ୫୦ ଡିଗ୍ରୀ ସେଲସିୟସ୍ ହୋଇଥାଏ । ଏଠାରେ ଗରମ ପବନ ସାଙ୍ଗକୁ ତତଲା ବାଲି ଉଡ଼ିଥାଏ । ସାଧାରଣ ମଣିଷ ବଞ୍ଚିବା କଷ୍ଟକର ହେବ । ହେଲେ ଆପଣ ଭାବି ପାରିବେ ଏପରି ପରିବେଶରେ ପିଲାଙ୍କ ସ୍କୁଲ ହୋଇପାରିବ ? ଦୂର ଦୂର ଯାଏ ବାଲି ହିଁ ବାଲି । ଆଉ ଭୟଙ୍କର ଗରମ ଅନୁଭୂତ ହେଉଥିଲେ ମଧ୍ୟ ଏଠାରେ ପିଲାମାନେ ହସ ଖେଳରେ ସ୍କୁଲରେ ପାଠ ପଢୁଛନ୍ତି । ଥର ରେଗିସ୍ତାନ ମଧ୍ୟରେ ଥିବା ଥର ମରୁଭୂମିରେ, ସୁନ୍ଦର ଏବଂ ଚିତ୍ତାକର୍ଷକ ଦୃଶ୍ୟର ଏହି ଚମତ୍କାର ସ୍ଥାପତ୍ୟ ବାଲିରେ ନିର୍ମିତ ହୋଇଛି । ଏହି ଅଣ୍ଡା ଆକୃତିର କୋଠା ଘରକୁ ଦେଖିଲେ ଲାଗୁଛି ଯେପରି ଏହି ସଂରଚନା ମଧ୍ୟ ପ୍ରାକୃତିକ ମରୁଭୂମିର ଏକ ଅଂଶ । ଏହା ହେଉଛି ରାଜକୁମାରୀ ରତ୍ନାବତୀ ବାଳିକା ବିଦ୍ୟାଳୟ । ଏହାକୁ ଡିଜାଇନ କରିଥିଲେ ନ୍ୟୁୟର୍କର ଡାଏନା କେଲୋଗ୍ ।

ରାଜସ୍ଥାନର ମହିଳା ସାକ୍ଷରତା ହାର ବଢ଼ାଇବା ସହ ସ୍ୱାବଲମ୍ବୀ କରାଇବା ପାଇଁ ଏହି ବାଳିକା ବିଦ୍ୟାଳୟ ନିର୍ମାଣ ହୋଇଥିଲା । ରାଜକୁମାରୀ ରତ୍ନାବତୀ ବାଳିକା ବିଦ୍ୟାଳୟକୁ ଆମେରିକା ମାଇକଲ୍ ଡ୍ୟୁବର ଏନିଜିଓ (ସିଆଇଆଇଟିଏ) ନିର୍ମାଣ କରିଛି । ‘ଜ୍ଞାନ କେନ୍ଦ୍ର’ ଭାବେ ପରିଚିତ ଏହି ବିଦ୍ୟାଳୟରେ ଆର୍ଥିକ ଅନଗ୍ରସର ବାଳିକାମାନେ ପାଠ ପଢୁଛନ୍ତି । ଏହି ସ୍କୁଲରେ ଦଶମ ଶ୍ରେଣୀ ଯାଏ କକ୍ଷ ରହିଛି । ବର୍ତ୍ତମାନ ସେଠାରେ ୪୦୦ ଛାତ୍ରୀ ପାଠ ପଢୁଛନ୍ତି । ତେବେ ଆଶ୍ଚର୍ଯ୍ୟର କଥା ହେଉଛି ସ୍କୁଲରେ କୌଣସ ଏୟାର କଣ୍ଡିସନ ନଥିଲେ ମଧ୍ୟ ଏଠାରେ ପ୍ରଚଣ୍ଡ ଗରମ ଭିତରେ ଥଣ୍ଡା ଲାଗିଥାଏ । ଏହା ସୁନ୍ଦର ଲାଟାଇସ୍ କାନ୍ଥ ଏବଂ ଭେଣ୍ଟିଲେଟେଡ୍ ଛାତ ସହିତ ସୌର ସ୍ଥାପନାର ଚମତ୍କାର ସ୍ଥାପତ୍ୟର ଏକ ଉଦାହରଣ । ଏହି ସ୍କୁଲକୁ ଦେଖିବା ପାଇଁ ଅନେକ ପର୍ଯ୍ୟଟକ ବୁଲିବାକୁ ଆସନ୍ତି ।

# ମଣିଷ ଦେହରେ କୃତ୍ରିମ ରକ୍ତ !

ପରୀକ୍ଷାଗାରରେ କୃତ୍ରିମ ଉପାୟରେ ପ୍ରସ୍ତୁତ ରକ୍ତକୁ ବିଶ୍ୱରେ ପ୍ରଥମ ଥର ପାଇଁ ମଣିଷ ଦେହରେ ପ୍ରବେଶ କରାଯାଇଛି । ଏହା ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି । ଏବେ ମାତ୍ର ଦୁଇଜଣ ଲୋକଙ୍କୁ ପରୀକ୍ଷାଗାରରେ ପ୍ରସ୍ତୁତ ଲୋହିତ ରକ୍ତ କଣିକା ଦିଆଯାଇଛି ଏବଂ ସେମାନଙ୍କ ଦେହରେ କୌଣସି ହାନିକାରକ ପ୍ରତିକ୍ରିୟା ଦେଖାଯାଇନାହିଁ । ସେମାନଙ୍କୁ ଦିଆଯାଇଥିବା ରକ୍ତର ପରିମାଣ ଖୁବ୍ କମ୍ (୫ରୁ ୧୦ ମିଲିଲିଟର) । ଏହା ସୁରକ୍ଷିତ ଓ ସଫଳ ବୋଲି ପ୍ରମାଣିତ ହେଲେ ବିରଳ ‘ବ୍ଲଡ୍ ଗ୍ରୁପ୍’ଧାରୀ ତଥା ସିକିଲ୍ ସେଲ୍ ଭଳି ରୋଗ ଭୋଗୁଥିବା ରୋଗୀମାନଙ୍କ ଚିକିତ୍ସା ଦିଗରେ ଏହା ବିପ୍ଳବାତ୍ମକ ହେବ ବୋଲି କୁହାଯାଉଛି । ୟୁନାଇଟେଡ୍ କିଙ୍ଗଡମ୍‌ର ଗବେଷକମାନେ ଷ୍ଟେମ୍ ସେଲ୍‌ରୁ ଏହି ଲୋହିତ ରକ୍ତକଣିକାଗୁଡ଼ିକୁ ପରୀକ୍ଷାଗାରରେ ପ୍ରସ୍ତୁତ



କରିଛନ୍ତି । ଷ୍ଟେମ୍ ସେଲ୍‌ରୁ ପ୍ରସ୍ତୁତ କୃତ୍ରିମ ରକ୍ତକଣିକାର ଜୀବନକାଳ ପ୍ରାକୃତିକ ଉପାୟରେ ଶରୀରରେ ପ୍ରସ୍ତୁତ ହୋଇଥିବା ରକ୍ତକଣିକାର ଜୀବନକାଳ ସହିତ ତୁଳନୀୟ ନା ନାହିଁ ତାହା ଏହି ପରୀକ୍ଷଣରୁ ଜଣାପଡ଼ିବ । ତେବେ ପରୀକ୍ଷାଗାରରେ ପ୍ରସ୍ତୁତ ଲୋହିତ ରକ୍ତକଣିକାଗୁଡ଼ିକ ସଂପୂର୍ଣ୍ଣ ନୂଆ ହୋଇଥିବାରୁ ସେଗୁଡ଼ିକ ରକ୍ତଦାନ ପରେ ରୋଗୀ ଦେହରେ ପ୍ରବେଶ କରାଯାଉଥିବା ରକ୍ତକଣିକା ତୁଳନାରେ ଉତ୍ତମ ପ୍ରଦର୍ଶନ କରିବେ ବୋଲି ଗବେଷକମାନେ ଆଶା ରଖିଛନ୍ତି । ଏହି ପରୀକ୍ଷଣରେ ଅନ୍ୟୂନ ୧୦ ଜଣଙ୍କୁ ଚାରିମାସ ବ୍ୟବଧାନରେ ଦୁଇଥର ଅଳ୍ପ ମାତ୍ରାରେ କୃତ୍ରିମ ରକ୍ତ ଦିଆଯିବ । ଏହା ସଫଳ ହେଲା ପରେ ଯାଇ ଚିକିତ୍ସା କ୍ଷେତ୍ରରେ କୃତ୍ରିମ ରକ୍ତ ବ୍ୟବହାରର ଯୁଗ ଆରମ୍ଭ ହେବ ।

# ଜିଅନ୍ତା କବର ଦେଇ ଚିକିତ୍ସା



ବିଭିନ୍ନ ରୋଗର ଚିକିତ୍ସା ପାଇଁ ଚେରମୂଳିଠାରୁ ଆରମ୍ଭ କରି ଏଲୋପାଥି, ହୋମିଓପାଥି, ଆକ୍ୟୁପ୍ରେସର, ଆକ୍ୟୁପଙ୍କଚର ଓ ଜଳ ଚିକିତ୍ସା ପରି କେତେ କ’ଣ ଉପାୟ ଆଜିକାଲି ଉପଲବ୍ଧ । ତେବେ ଉତ୍କଣ୍ଠା ବା ବ୍ୟାକୁଳତା ପରି ମାନସିକ ରୋଗର ଉପଶମ ଲାଗି ଏକ ରୁଷୀୟ କମ୍ପାନି ଆଣିଥିବା ଏକ ଭିନ୍ନ ଚିକିତ୍ସା ଚର୍ଚ୍ଚାର ବିଷୟ ହୋଇଛି । ସାଧାରଣତଃ ମନୁଷ୍ୟ ଉତ୍କଣ୍ଠା ବା ଭୟ ଅନୁଭବ କରିବା ଏକ ସ୍ୱାଭାବିକ କଥା । ବେଳେ ବେଳେ କୌଣସି ବ୍ୟକ୍ତି, ପଦାର୍ଥ, ଘଟଣା ବା ସ୍ମୃତି ଆମକୁ ଆତଙ୍କିତ କରି ଦେଇଥାଏ । ଏଭଳି ଅବସ୍ଥାକୁ ସାଧାରଣତଃ ଉତ୍କଣ୍ଠା କବଳିତ ବୋଲି କୁହାଯାଇଥାଏ । ତେବେ ଏଭଳି ଅବଗୁଣକୁ ଦୂର କରିବା ଲାଗି ଏ ଯାବତ୍ କୌଣସି ନିଶ୍ଚିତ ଚିକିତ୍ସା ନାହିଁ । ମାତ୍ର ରୁଷିଆର ‘ପ୍ରିକେଟେଡ୍ ଏକାଡେମୀ’ ନାମକ ଏକ କମ୍ପାନି ତାହା ଦୂର କରିପାରୁଛି ବୋଲି ଦାବି କରିଛି । ତେବେ ତାହା ଉତ୍କଣ୍ଠାଠାରୁ ଆହୁରି ଭୟାନକ ପ୍ରକ୍ରିୟା । ଏହି ରୋଗରେ ପୀଡ଼ିତ ଥିବା ବ୍ୟକ୍ତିଙ୍କୁ ଘଣ୍ଟାକ ପାଇଁ ଜୀବନ୍ତ ସମାଧିସ୍ଥ ହେବାକୁ ପଡ଼ିଥାଏ । ସଂପୃକ୍ତ ପୀଡ଼ିତଙ୍କୁ ଏକ ସ୍ୱଚ୍ଛ କଫିନ ଭିତରେ ରଖି ଏକ ପତଳା ଆସ୍ତରଣର ମାଟିରେ କବର ଦିଆଯାଇଥାଏ । ଏହାଦ୍ୱାରା ସେ ନିଜର ଭୟ ବା ଆତଙ୍କକୁ ଦୂରେଇ ନିଜର ସ୍ନାୟୁକ୍ରିୟାକୁ ସତେଜ ଓ ସକାରାତ୍ମକ କରିପାରିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି । ଅବଶ୍ୟ ଏଥିପାଇଁ ଭାରତୀୟ ମୁଦ୍ରାରେ ପ୍ରାୟ ୪୭ ଲକ୍ଷ ଟଙ୍କା ଦେବାକୁ ପଡ଼ିବ । ଏଥିରେ ଜଣେ ପୀଡ଼ିତଙ୍କୁ ନିଜର କୃତ୍ରିମ ଶବସତ୍କାର ଉତ୍ସବ ଦେଖିବାକୁ ପଡ଼ିଥାଏ । ତେବେ ବ୍ୟୟବହୁଳ ପ୍ରଥମ ପ୍ରଣାଳୀଟି ନିରାପଦ, ଅଧିକ ଫଳପ୍ରଦ ଓ ନିଶ୍ଚିତ ବୋଲି କମ୍ପାନିର ପ୍ରତିଷ୍ଠାତା ୟାକାତେରିନା ଦାବି କରିଛନ୍ତି । ଜିଅନ୍ତା କବର ନେଉଥିଲେ ମଧ୍ୟ ପୀଡ଼ିତଙ୍କ ଜୀବନ ପ୍ରତି ସାମାନ୍ୟତମ ବିପଦ ନ ପହଞ୍ଚାଇବା ଲାଗି ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନିଆଯାଇଥାଏ ବୋଲି ସେ କହିଛନ୍ତି ।

# ମଡେଲ୍‌ଙ୍କୁ ଡେଟ୍ କରୁଛନ୍ତି ଦିଶା

ବର୍ତ୍ତମାନ ବିଟାଉନ୍‌ରେ ଅନେକ ଯୋଡି ପରସ୍ପରକୁ ଡେଟ୍ କରୁଛନ୍ତି । ହେଲେ ସେମାନେ ତାଙ୍କ ସମ୍ପର୍କକୁ ଲୁଚାଇ ରଖୁଛନ୍ତି । ସୋସିଆଲ ମିଡିଆରେ, ସେମାନେ ପରସ୍ପର ସହିତ ଫଟୋ ସେୟାର କରୁଥିବାର ଦେଖିବାକୁ ମିଳନ୍ତି । ଏହା ବ୍ୟତୀତ ସେୟାର ହୋଇଥିବା ପୋଷ୍ଟରେ କମେଣ୍ଟ ଦେଖିବାକୁ ମିଳେ । କିନ୍ତୁ କିଛି ସେଲିବ୍ରିଟି ଅଛନ୍ତି ଏହା କରନ୍ତି ନାହିଁ । ସେମାନେ ଏକାଠି ବୁଲିବା ସହ ଡିନର ଡେଟ୍‌ରେ ମଧ୍ୟ ସ୍ପଷ୍ଟ ହୁଅନ୍ତି ଏବଂ ଗଣମାଧ୍ୟମର ପ୍ରଶ୍ନ ଉପରେ ନୀରବ ରୁହନ୍ତି । ସେମାନଙ୍କ ମଧ୍ୟରେ ଦିଶା ପଟାନି ଏବଂ ଟାଇଗର ଶ୍ରଫ ଅନ୍ୟତମ । କହିବାକୁ ଗଲେ ଦୁହେଁ ଦୀର୍ଘ ସମୟ ଧରି ସମ୍ପର୍କରେ ଥିଲେ । କିନ୍ତୁ ଆନୁଷ୍ଠାନିକ ଭାବରେ ଡେଟିଂକୁ ଗ୍ରହଣ କରିନଥିଲେ । ନିକଟରେ ସେମାନଙ୍କ ବ୍ରେକଅପ୍ ଖବର ଗଣମାଧ୍ୟମରେ ସାମ୍ନାକୁ ଆସିଥିଲା । ଏହା ପରେ, ବର୍ତ୍ତମାନ ଆଲୋଚନା ଏବଂ କଳ୍ପନାଜଳ୍ପନା ଆରମ୍ଭ ହୋଇଛି ଯେ ଦିଶା ପଟାନୀଙ୍କ ଜୀବନରେ ଜଣେ ନୂଆ ପ୍ରେମିକ ଆସିଛନ୍ତି । ଯାହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ଦିଶା ତାଙ୍କ ପୁରୁଣା ବନ୍ଧୁ, ମଡେଲ-ଅଭିନେତା ଆଲେକ୍ସଜାଣ୍ଡାର୍ ଆଲେକ୍ସ ଇଲିକିଙ୍କୁ ଡେଟ୍ କରୁଛନ୍ତି । ଦିୱାଲୀରେ, ଯେତେବେଳେ ଆଲେକ୍ସ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଦିଶାଙ୍କ ସହ ଏକ ଫଟୋ ସେୟାର କରିଥିଲେ, ସେତେବେଳେ ଦୁହେଁ ଏକାଠି ଅଛନ୍ତି ବୋଲି ଶୁଣିବାକୁ ମିଳିଥିଲା । ଏତିକି ହିଁ ନୁହେଁ ଆଲେକ୍ସ ଏବଂ ଦିଶା ମଧ୍ୟ ଜିମରେ ଏକାଠି କାମ କରୁଥିବା ସହ ଅନେକ ଥର ଏକାଠି ନଜର ଆସିଛନ୍ତି । ବର୍ତ୍ତମାନ ତାହାକୁ ନେଇ କଳ୍ପନା ଜଳ୍ପନା କରାଯାଉଛି । ଦିଶା ପଟାନିଙ୍କ କହିବାନୁସାରେ, ଅବସର ପାଇଲେ ସେ ଜିମ୍ନାଷ୍ଟରେ ସମୟ ବିତେଇଥାନ୍ତି । ଦିଶା କହନ୍ତି, ଜିମ୍ନାଷ୍ଟ ପାଇଁ ଜଣକୁ ଉଭୟ ନିୟମିତ ଓ ସାହସୀ ହେବାକୁ ପଡ଼ିବ । ସେ ଆଜି ଯେଉଁଠି ପହଞ୍ଚିଛନ୍ତି, ସେଥିପାଇଁ ବେଶ୍ କିଛି ଦିନ ଲାଗିଛି ।






# କେନ୍ଦ୍ରାପଡ଼ାର ରାଜନୀତିକ ଦୃଶ୍ୟ !

ସାମ୍ପ୍ରତିକ ରାଜନୀତିରେ ନେତାଙ୍କୁ ଚିହ୍ନିବା ସହଜ ନୁହେଁ। ସାଧାରଣତଃ ତୃଣମୂଳ ସ୍ତରରେ ଲୋକଙ୍କ ସେବା କରି, ଲୋକଙ୍କ ସୁଖ-ଦୁଃଖରେ ଏକାକାର ହୋଇ ନେତା ପାଲଟି ଥିବା ବ୍ୟକ୍ତି ହିଁ ବାସ୍ତବ କ୍ଷେତ୍ରରେ ଲୋକପ୍ରତିନିଧି ହେବାକୁ ଯୋଗ୍ୟ ହୋଇ ଥାଏ। ଲୋକେ ରାଜନେତାଙ୍କ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ନେତାଙ୍କ ମିଥ୍ୟା ପ୍ରତିଶ୍ରୁତି ଓ କପୋଳକଳ୍ପିତ କଥାରେ ସାଧାରଣ ଲୋକଙ୍କ ସମର୍ଥନ ମିଳେନାହିଁ। ବିକାଶମୂଳକ କାର୍ଯ୍ୟ ଏବଂ ସାଧାରଣ ଲୋକ ମାନଙ୍କର ମଙ୍ଗଳ ପାଇଁ ନିଷ୍ଠାପର କାର୍ଯ୍ୟ କରି ଚାଲିଲେ, ଯିଏ କେହି ଲୋକଙ୍କ ବିଶ୍ୱାସଭାଜନ ହୋଇଥାଏ। ସାଧାରଣତଃ କୁହାଯାଇଥାଏ, ଭାରତୀୟ ଗଣତନ୍ତ୍ରର ମନ୍ଦିର ଗୁଡ଼ିକୁ ଆମେ ଗଣତାନ୍ତ୍ରିକ ସଂସ୍କାର ଥିବା ଓ ସଂସଦ ବା ବିଧାନସଭାରେ ଲୋକଙ୍କ ଆଶା-ଆକାଂକ୍ଷା, ସୁଖ-ଦୁଃଖ ଏବଂ ଦୃଷ୍ଟିକୋଣକୁ ଗଣତାନ୍ତ୍ରିକ ଢ଼ଙ୍ଗରେ ଉପସ୍ଥାପିତ କରିପାରୁଥିବା ବ୍ୟକ୍ତିମାନଙ୍କୁ ନିର୍ବାଚିତ କରି ପଠାଇବା ଉଚିତ। କାରଣ ସେମାନେ ଆମର ପ୍ରତିନିଧି, ପ୍ରବକ୍ତା ଓ ସୁଖ-ଦୁଃଖର ସାଥୀ ମଧ୍ୟ। ଯେତେବେଳେ ସୁଯୋଗ୍ୟ ନେତାମାନେ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୁଅନ୍ତି, ସେତେବେଳେ ସଂପୃକ୍ତ ଅଂଚଳ ତଥା ସାଧାରଣ ଲୋକଙ୍କ ଉନ୍ନତି ହେବା ସହ ସେହି ନେତା ନିଜ ନିର୍ବାଚନ କ୍ଷେତ୍ରରେ ଅପରାଜେୟ ହୋଇଯାଆନ୍ତି। ସମସ୍ତ ରେକର୍ଡ଼ ଭାଙ୍ଗି ରାଜ୍ୟ ଓ ଦେଶରେ ଇତିହାସ ସୃଷ୍ଟି କରନ୍ତି ! ଚିରଦିନ ପାଇଁ ଲୋକମାନଙ୍କ ମନରେ ସେମାନେ ସ୍ମରଣୀୟ ହୋଇ ରହନ୍ତି। ସେହିଭଳି ଜଣେ ନେତା ହେଲେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା। ଆମେରିକାରେ ପାଠପଢା ଶେଷ ପରେ ବୈଜୟନ୍ତବାବୁ ଶିଳ୍ପ କ୍ଷେତ୍ରରେ ନିଜର କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଧୀରେଧୀରେ ସେ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିଲେ। ବୈଜୟନ୍ତବାବୁ ଜଣେ ପ୍ରଗତିଶୀଳ ମଣିଷ ଭାବେ ବିଭିନ୍ନ ସାମାଜିକ ଓ ଗଣ ଆନ୍ଦୋଳନ ସହିତ ନିଜକୁ ସାମିଲ କରିଛନ୍ତି। କେବଳ କେନ୍ଦ୍ରାପଡ଼ା କି ଓଡ଼ିଶା ନୁହେଁ, ଜାତୀୟ ରାଜନୀତି କ୍ଷେତ୍ରରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଏପରିକି ଜଣେ ପ୍ରଚଣ୍ଡ ରାଜନୀତିକ ଜ୍ଞାନର ଅଧିକାରୀ ତଥା ଅଭିଜ୍ଞ ସାଂସଦ ଭାବେ ତାଙ୍କର ରାଜନୀତିକ ଓ ସଂସଦୀୟ କାର୍ଯ୍ୟଦକ୍ଷତା ତାଙ୍କୁ ଆପେ ଜାତୀୟ ରାଜନୀତି ମଂଚରେ ଛିଡ଼ା କରି ଦେଇଛି। ୨୦୦୦ ଓ ୨୦୦୬ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡ଼ି ରାଜ୍ୟସଭା ସଂସଦୀୟ ଦଳର ନେତା ପଦରେ ଅଧିଷ୍ଠିତ ହୋଇଥିଲେ। ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ସେ ବିଜେଡ଼ି ଟିକଟରେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରୁ ନିର୍ବାଚିତ ହୋଇ ବିଭିନ୍ନ ସଂସଦୀୟ କମିଟିର ଜଣେ ପ୍ରମୁଖ ସଦସ୍ୟ ଭାବେ ନିଜର ଦାୟିତ୍ୱ ସଫଳତାର ସହ ତୁଲାଇଥିଲେ।

ସଂସଦ ଅଧିବେଶନରେ ବୈଜୟନ୍ତ ବାବୁଙ୍କର କାର୍ଯ୍ୟଶୈଳୀ, ପ୍ରଭାବୀ ବକ୍ତୃତା ଓ ଜାତୀୟ ସ୍ତରୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ ତଥା ସଂସଦ ବାହାରେ, ନିଜ ରାଜ୍ୟରେ ଓ ନିଜ ନିର୍ବାଚନ ମଣ୍ଡଳୀରେ ତାଙ୍କର ଲୋକାଭିମୁଖୀ କାର୍ଯ୍ୟ ଅଦ୍ୱିତୀୟ। ସଂସଦ ଅଧିବେଶନରେ ପ୍ରଶ୍ନ-ଉତର, ବଜେଟ୍, ବିଧେୟକ, ଧ୍ୟାନାକର୍ଷଣ, ସ୍ଥଗନ, ଚର୍ଚ୍ଚା ଭଳି ମହତ୍ୱପୂର୍ଣ୍ଣ ଆଲୋଚନାରେ ବୈଜୟନ୍ତବାବୁ ଉପସ୍ଥିତ ରହି ସବୁଥିରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି। ଦେଶରେ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତା, ମାତୃ ଓ ଶିଶୁମୃତ୍ୟୁ, ଦାଦନ ଭଳି ବିଭିନ୍ନ ସାମାଜିକ ଓ ପ୍ରଶାସନିକ ସମସ୍ୟା ସମାଧାନ ପାଇଁ ସେ ନିୟମିତ କାର୍ଯ୍ୟ କରି ଆସିଛନ୍ତି। ଏଥିପାଇଁ ମଧ୍ୟ ସେ ସଂସଦରେ ଅନେକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଛନ୍ତି। ୨୦୧୧ରେ ବୈଜୟନ୍ତବାବୁଙ୍କ ସମେତ ଏକ ଉଚ୍ଚସ୍ତରୀୟ ଯୁବ ସଂସଦୀୟ ଦଳ “ସିଟିଜେନ୍ସ ଆଲିଆନ୍ସ ଏଗ୍ନେଷ୍ଟ ମାଲ୍ନ୍ୟୁଟ୍ରିସନ୍” ଶିଶୁ ପୁଷ୍ଟିହୀନତାର କାରଣ ସଂପର୍କରେ ସାରା ଭାରତରେ ବୁଲି ମା’, ଶିଶୁ, ଅଙ୍ଗନୱାଡ଼ୀ କର୍ମୀ ଓ ସରକାରୀ କର୍ମକର୍ତାଙ୍କୁ ଭେଟିଥିଲେ। ଏହି ଦଳ ୧ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ ଓ ୭୪ ହଜାରରୁ ଊର୍ଦ୍ଧ୍ୱ ମା’ଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହା ଦେଶର ସବୁଠୁ ବଡ଼ ପୁଷ୍ଟିହୀନତା ସର୍ଭେ ଥିଲା। ୨୦୧୩ରେ ରାଜନୀତିକ ବ୍ୟକ୍ତିଙ୍କ ବିରୁଦ୍ଧରେ ଥିବା ଅପରାଧିକ ମାମଲାର ବିଚାର ପାଇଁ ସ୍ପେଶିଆଲ୍ ଫାଷ୍ଟ ଟ୍ରାକ୍ କୋର୍ଟ ସ୍ଥାପନ ପାଇଁ, ୨୦୧୩ରେ ରାଜନୀତିରେ ଅପରାଧୀକରଣ ନିୟନ୍ତ୍ରଣ ପାଇଁ, ୨୦୧୪ରେ ଜଣେ ବ୍ୟକ୍ତି ଏକସମୟରେ ସଂସଦୀୟ କ୍ଷେତ୍ର ଓ ବିଧାନସଭା କ୍ଷେତ୍ର ଉଭୟରୁ ନିର୍ବାଚିତ ହୋଇ ପରେ ଯେଉଁ ଆସନରୁ ଇସ୍ତଫା ଦେବେ, ସେଠାରେ ଦ୍ୱିତୀୟ ସ୍ଥାନ ଦଖଲ କରିଥିବା ପରାଜିତ ପ୍ରାର୍ଥୀଙ୍କୁ ନିର୍ବାଚିତ ଘୋଷିତ କରିବାକୁ ସଂସଦରେ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଥିଲେ।

ସୂଚନାଯୋଗ୍ୟ ଯେ, ୨୦୧୮ ଜାନୁୟାରୀ ୨୪ ତାରିଖରେ ତାଙ୍କୁ ବିଜେଡ଼ିର ପ୍ରାଥମିକ ସଭ୍ୟ ପଦରୁ ନିଲମ୍ବନ କରାଯାଇଥିଲା, ଯାହାକୁ କେନ୍ଦ୍ରାପଡ଼ାର ସଚେତନଶୀଳ ନାଗରିକମାନେ ଗ୍ରହଣ କରିପାରି ନ ଥିଲେ। ତା.୨୮.୦୫.୨୦୧୮ରିଖରେ ବିଭିନ୍ନ କାରଣ ଦର୍ଶାଇ ବୈଜୟନ୍ତବାବୁ ବିଜେଡ଼ିରୁ ଇସ୍ତଫା ଦେଇଥିଲେ ଓ ତା.୧୨.୦୬.୨୦୧୮ରିଖରେ ଲୋକସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। ତେବେ ୨୦୧୯ ମାର୍ଚ୍ଚ ୪ ତାରିଖରେ ସେ ବିଜେପିରେ ଯୋଗ ଦେଇଥିଲେ। ଏହାର ମାତ୍ର ଚାରିଦିନ ପରେ ମାର୍ଚ୍ଚ ୮ ତାରିଖରେ ତାଙ୍କୁ ଅତି ଗୁରୁତ୍ୱପୂର୍ଣ୍ଣ ବିଜେପି ଜାତୀୟ ଉପ-ସଭାପତି ତଥା ମୁଖପାତ୍ର ପଦରେ ଅବସ୍ଥାପିତ କରାଯାଇଥିଲା। ବୈଜୟନ୍ତବାବୁ ଯେପରି ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଇ ଉନ୍ନୟନ କାର୍ଯ୍ୟକୁ ଆଗେଇ ନେଇଥା’ନ୍ତି ଓ ଲୋକଙ୍କୁ ଭଲ ପାଆନ୍ତି, ପୂର୍ବର କୌଣସି ସାଂସଦଙ୍କଠାରେ ତାହା ଦେଖାଯାଇ ନ ଥିଲା। ବାସ୍ତବରେ ସାଧାରଣ ଲୋକଙ୍କ ପାଇଁ ଉନ୍ନୟନ କାର୍ଯ୍ୟରେ ନିଜକୁ ସଂପୂର୍ଣ୍ଣ ଭାବେ ଉତ୍ସର୍ଗ କରିଥିଲେ ବୈଜୟନ୍ତବାବୁ। ତେବେ ବୈଜୟନ୍ତବାବୁ ୨୦୧୯ ଲୋକସଭା ନିର୍ବାଚନରେ କେନ୍ଦ୍ରାପଡ଼ା ଆସନରେ ତୃତୀୟ ଥର ପାଇଁ ବିଜେପି ଟିକଟରେ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ନିର୍ବାଚନରେ ବିଜେଡ଼ିର ଅନୁଭବ ମହାନ୍ତି ୬,୨୮,୯୩୯ ଖଣ୍ଡ ଭୋଟ ପାଇଥିଲାବେଳେ ବିଜେପିର ବୈଜୟନ୍ତ ପଣ୍ଡା ୪,୪୭,୪୫୬ ଖଣ୍ଡ ଭୋଟ ଏବଂ କଂଗ୍ରେସର ଧରଣୀଧର ନାୟକ ୧,୧୩,୮୪୧ ଖଣ୍ଡ ଭୋଟ୍ ପାଇଥିଲେ। ତେବେ ବିଜେଡ଼ିର ଅନୁଭବ ମହାନ୍ତି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୈଜୟନ୍ତବାବୁଙ୍କୁ ୧,୮୧,୪୮୩ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଏଠାରେ ପ୍ରଶ୍ନ ଉଠିପାରେ ଯେ, କେନ୍ଦ୍ରାପଡ଼ାର ବିକାଶ ପାଇଁ ବୈଜୟନ୍ତ ବାବୁ ଅନେକ ଉନ୍ନୟନ କାର୍ଯ୍ୟ କରିବା ସହ ବହୁ ଉନ୍ନୟନ ଯୋଜନା ହାତକୁ ନେଇଥିଲେ ହେଁ ମତଦାତାମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କଲେ କାହିଁକି ? ତେବେ ମୁଖ୍ୟତଃ ଦୁଇଟି କାରଣ ପାଇଁ ବୈଜୟନ୍ତବାବୁ ପରାଜିତ ହେଲେ ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ।। ପ୍ରଥମତଃ ବିଜେପିରେ ମିଶିବା ତାଙ୍କ ପାଇଁ କାଳ ହେଲା। କାରଣ ଯେଉଁ ସଂଖ୍ୟାଲଘୁ ଭୋଟ୍, ପୂର୍ବରୁ ବୈଜୟନ୍ତବାବୁଙ୍କ ହାତମୁଠାରେ ଥିଲା, ସେ ବିଜେପିର ପ୍ରାର୍ଥୀ ହେବାପରେ ପ୍ରାୟତଃ ସବୁ ଭୋଟ ବିଜେଡ଼ି ହାତକୁ ଚାଲିଗଲା। ଦ୍ୱିତୀୟତଃ ବୈଜୟନ୍ତ ବାବୁଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଯୁବ ଗୋଷ୍ଠୀର ଭୋଟଗୁଡ଼ିକ ଅତି ସହଜରେ ବିଜେଡ଼ି ଅକ୍ତିଆରକୁ ଚାଲିଗଲା। ସେହିପରି ଭୋଟ ପରିଚାଳନା ବେଳେ ସେ ତାଙ୍କର ପୁରୁଣା ସମର୍ଥକ ଓ ଶୁଭେଚ୍ଛୁମାନଙ୍କୁ ଆଡ଼େଇଦେବା ଦେଖାଯାଇଥିଲା। ଅନ୍ୟପକ୍ଷରେ ବୈଜୟନ୍ତ ବାବୁଙ୍କ ପ୍ରାର୍ଥୀତ୍ୱ ଓ ନିର୍ବାଚନ ବିଜୟ ପାଇଁ ବିଜେପିର କେତେକ ଆଗଧାଡ଼ିର ନେତା ସେମିତି କିଛି ସହଯୋଗ ଦେଇନଥିବା ସେତେବେଳେ ମନେହୋଇଥିଲା ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ। ମାତ୍ର ବିଜେଡ଼ି ପ୍ରାର୍ଥୀ ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କର ଅଭିନେତ୍ରୀ ସହଧର୍ମିଣୀ ବର୍ଷା ପ୍ରିୟଦର୍ଶିନୀ ନିଜର ଯଥେଷ୍ଟ ଉଦ୍ୟମ ବଳରେ ଯୁବଗୋଷ୍ଠୀକୁ ନିଜ ପକ୍ଷକୁ ଆଣିପାରିଥିଲେ। ଯେଉଁଥିପାଇଁ ବିଜେଡ଼ି ସହଜ ବିଜୟଲାଭ କରିଥିଲା।

ବାସ୍ତବତା ଦେଖାଗଲେ, ବୈଜୟନ୍ତ ପଣ୍ଡା ଜଣେ ଭିନ୍ନ ଚରିତ୍ରର ମଣିଷ। ସାଂସଦ ନଥାଇ ମଧ୍ୟ ସେ ସବୁବେଳେ କେନ୍ଦ୍ରାପଡ଼ା ଅଂଚଳରେ ରହି ଲୋକମାନଙ୍କ ସୁଖ-ଦୁଃଖରେ ଭାଗୀ ହେଉଥିବା ଦେଖାଯାଉଛି। ଦଳମତ ନିର୍ବିଶେଷରେ କେନ୍ଦ୍ରାପଡ଼ାର ସାଧାରଣ ମଣିଷକୁ ସେ ବନ୍ଧୁ ଭାବରେ ଗ୍ରହଣ କରିଥିବା ବେଳେ ତାଙ୍କ ପ୍ରତି ମଧ୍ୟ କେନ୍ଦ୍ରାପଡ଼ାବାସୀଙ୍କର ଏବେ ବି ଅକୁଣ୍ଠ ସମର୍ଥନ ରହିଛି।

# ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ



ଭବାନୀପାଟଣା ,(ପି.ଏନ): କଳାହାଣ୍ଡି ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ତରଫରୁ ଦୁଆରସନୀ ଗ୍ରାମ ପଞ୍ଚାୟତରେ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସହକାରୀ ନିର୍ଦ୍ଦେଶକ ଜିଲ୍ଲା ଆର୍ଥିକ ସେବା ଓ ସ୍ୱଳ୍ପ ସଞ୍ଚୟ ବିବେକାନନ୍ଦ ମହାନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଭବାନୀପାଟଣା କୃଷ୍ଣ ପ୍ରସନ୍ନ ପଣ୍ଡା ଯୋଗଦେଇ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଦିଗରେ ଚିଟଫଣ୍ଡ କମ୍ପାନୀରେ ଟଙ୍କା ବିନିଯୋଗ କରିବାର ଅପକାରିତା, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଜୀବନ ବୀମା, ଅଟଳ ପେନସନ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଏଥିରେ ମିଶନଶକ୍ତି ମଣ୍ଡଳୀ ଓ ଅଙ୍ଗନବାଡି କର୍ମକର୍ତ୍ତା କର୍ମୀ ଯୋଗ ଦେଇଥିଲେ ।

# ପ୍ରଣତି ସିଂହଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ

ମାହାଙ୍ଗା ,(ପି.ଏନ): ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତ ଅର୍ନ୍ତଗତ ବାଲିପଡା ଠାରେ ମନୋଜ କୁମାର ସିଂହଙ୍କ ପତ୍ନୀ ପ୍ରଣତି ସିଂହଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନାହାଙ୍ଗା ପଂଚାୟତର ପୂର୍ବତନ ସରପଂଚ ଭାଗବତ ସେଠୀ, ଜତିନ୍ଞ୍ଜୟ କୁଅଁର, ସନ୍ତୋଷ ସିଂହ,ତୋଫାନ ସିଂହ, ବିଜୟ ସିଂହ, ଅରୁଣ ମହାରଣା,ବିଚିତ୍ରାନନ୍ଦ ସାହୁ, ଅଜୟ ମହାନ୍ତି,ମୋହନ ଚରଣ ସିଂହ,ଦିଲ୍ଲିପ ସିଂହ, ରବିନ୍ଦ୍ରନାଥ ସିଂହ,ଦାମୋଦର ସିଂହ,ପ୍ରହଲ୍ଲାଦ ସିଂହ, ସାମ୍ବାଦିକ ବିଜୟ କୁଅଁରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ସିଂହ, ସ୍ୱର୍ଣ୍ଣଲତା ସିଂହ, ଅନ୍ନପୂର୍ଣ୍ଣା ସିଂହ, ମାମାଲି ସିଂହ, ପ୍ରିୟାଂଶୁ ସିଂହ, ମାନସି ସିଂହ, ପ୍ରତିଭା ସିଂହ, ପଂଙ୍କଜ କୁମାର ସିଂହ ଓ ପୁତ୍ର ପ୍ରସନଜିତ୍ ସିଂହ ଉପସ୍ଥିତ ରହିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଣତି ସିଂହଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନାରୀବିନା ସଂସାର ଅଧୁରା,ଏଣୁ ନାରୀଙ୍କୁ ଗୃହଲକ୍ଷ୍ମୀଭାବେ ମାନ୍ୟତା ଦିଆଯାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ସୁରକ୍ଷାରେ ତ୍ରୁଟି ଯୋଗୁଁ କାରଖାନା ପରିସରରେ ଦୁର୍ଘଟଣା ପରେ ଟିପର ଚାଳକର ମୃତ୍ୟୁ



କେନ୍ଦୁଝର (ପିଏନ୍): କାରଖାନା ପରିସରରେ ସୁରକ୍ଷାରେ ତୃଟି ଯୋଗୁଁ ଜଣେ ଟ୍ରକ ଚାଳକର ମୃତ୍ୟୁ ହୋଇଛି। ପୋଲିଓ ଏବଂ କାରଖାନା ଓ ବାଷ୍ପିତ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବାମେବାରୀ ଥାନା ଅନ୍ତର୍ଗତ ବସନ୍ତପୁରଠାରେ ଥିବା ଏସେଲ ମାଇନିଂ ଏଣ୍ଡ ଇଣ୍ଡଷ୍ଟ୍ରିଜ ପିଲେଟ ଏବଂ ବେନିଫିକେସନ କାରଖାନା ପରିସରରେ ଏକ ଲୁହାପଥର ଗୁଣ୍ଡ ବୋଝେଇ ଟିପର ଦୁର୍ଘଟଣା ଘଟି ଟିପର ଚାଳକଙ୍କ ମୃତ୍ୟୁ ଘଟିଛି। କାରଖାନା ପରିସରରେ ଟ୍ରାଫିକ ସୁରକ୍ଷା ବ୍ୟବସ୍ଥା ଢିଲା ଓ ଭିତରେ ଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇଥିବାରୁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଥିବାବେଳେ ଏବେ ଏକ ଦୁର୍ଘଟଣା ଘଟି ଜଣେ ଟିପର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକଙ୍କ ନାମ ଛେଦି ମୁଣ୍ଡା ଏବଂ ବୟସ ୩୧ବର୍ଷ ବୋଲି ଜଣାପଡିଛି। ଏହାକୁ ନେଇ ବାମେବାରୀ ଥାନା ପୋଲିସ ଏକ କେସ ନଂ ୨୦୨ ଦଫା ୨୭୯, ୩୦୪ (ଏ) ଏକ ମାମଲା ରୁଜୁ କରିଥିବାବେଳେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। କାରଖାନା ପରିସରରେ ବେପରୁଆ ଗାଡି ଚାଳନା ଯୋଗୁ ଗାଡି ଚାଳକର ମୃତ୍ୟୁ ହୋଇଥିବା ପୋଲିସ କହିଛି। କାରଖାନା ପରିସରରେ ଦୃତ ଗତିରେ ଗାଡି ଚଳାଉଥିଲେ ସୁରକ୍ଷା କର୍ମଚାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। କେନ୍ଦୁଝରସ୍ଥିତ ସହକାରୀ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ ପକ୍ଷରୁ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି। ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗର ଇଂ କେଦାର ନାଥ ହାଁସଦା ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏହି ଘଟଣାକୁ ଭିନ୍ନ ମୋଡ ଦେଇ କାରଖାନା କର୍ତ୍ତୃପକ୍ଷ ଙ୍କୁ ସୁରକ୍ଷା ଦେବାକୁ ପ୍ରୟାସ ଚାଲିଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଠାରେ ସୂଚନା ଯୋଗ୍ୟ ଯେ, କାରଖାନା ପରିସରରେ ଥିବା ରାସ୍ତାଘାଟ ଗୁଡିକ ସଠିକ ମାନର କରିବା ସହ ଶ୍ରମିକ ତଥା ଗାଡି ଚାଳକ ମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବାର ବ୍ୟବସ୍ଥା ରହିଛି। ସେହିପରି କାରଖାନା ପରିସରରେ ଧୂଳି,ଧୂଆଁ ପ୍ରଦୂଷଣ ନିୟନ୍ତ୍ରଣ କରି ଦୁର୍ଘଟଣା ରୋକିବା ନେଇ ମଧ୍ୟ ପଦକ୍ଷେପ ନିଆଯାଇଥାଏ। ତେବେ ଏସବୁ ଅବ୍ୟବସ୍ଥା ତଦାରଖ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ,ଶ୍ରମ ବିଭାଗ,କାରଖାନା ଓ ବାଷ୍ପିତ ବିଭାଗ ଗସ୍ତ କରି ଯାଂଚ କରିଥାନ୍ତି। ତେବେ ଏହି କାରଖାନାରେ ସେ ସବୁ ଠିକ୍ ଭାବରେ ଯାଂଚ ହୋଇଛି କି ନାହିଁ ତାହାର ତଦନ୍ତ କରିବା ସହ ନିୟମିତ ରାସ୍ତାଘାଟ ସଫେଇ ଓ ଜଳସିଞ୍ଚନ କରାଯାଉନଥିବାରୁ ଗାଡି ଚଳାଚଳ ସମୟରେ ଧୂଳି ଉଡି ସମସ୍ୟା ଦେଖାଦେଇଥାଏ। ଏଣୁ ଏସବୁ ଦୃଷ୍ଟିକୋଣରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତ ଡ୍ରାଇଭରକୁ କ୍ଷତିପୂରଣ ଦେଇ ନ୍ୟାୟ ଦେବାକୁ ଦାବୀ ହୋଇଛି। ଏନେଇ ବାମେବାରୀ ଥାନା ଅଧିକାରୀ ସ୍ୱରୂପ ରଂଜନ ନାୟକ କହିଛନ୍ତି ଯେ, ଘଟଣାକୁ ନେଇ କେସ କରାଯାଇ ତଦନ୍ତ ଚାଲିଛି। ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗର ଇଂ କେଦାର ନାଥ ହାଁସଦାଙ୍କ ସହ ଯୋଗାଯୋଗ କରିବାରୁ କାରଖାନା ପରିସରରେ ଦୁର୍ଘଟଣାର ତଦନ୍ତ ଚାଲିଛି। ମାଲଗାଡିଗୁଡିକ କାରଖାନାରୁ ବାହାରିବା ସମୟରେ ଗାଡିର ଚକା ପାଣିରେ ଧୋଇବା ପାଇଁ ଯେଉଁ ବ୍ୟବସ୍ଥା ହେବା କଥା ତାହା ନାହିଁ। ଫଳରେ କାରଖାନା ଗାଡି ଯିବା ଆସିବା ସମୟରେ ଧୂଳି ଉଡି ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। କାରଖାନା ପରିସରରେ ଜଳସିଞ୍ଚନ ବ୍ୟବସ୍ଥା ମଧ୍ୟ ଠିକ୍ ଭାବରେ କାମ କରୁନଥିବା ଅଭିଯୋଗ ହୋଇଛି। କାରଖାନା ଭିତର ରାସ୍ତା ସଂପୂର୍ଣ୍ଣ ଭାବରେ ଗମନାଗମନ ଅନୁପଯୁକ୍ତ ହୋଇପଡିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାରଖାନା ଭିତର ରାସ୍ତାକୁ ପକ୍କା କରିବା ପାଇଁ ନିର୍ଦ୍ଦେଶନାମା ରହିଥିଲେ ମଧ୍ୟ କାରଖାନା କର୍ତ୍ତୃପକ୍ଷ ଦୀର୍ଘଦିନ ଧରି ଅଣଦେଖା କରୁଛନ୍ତି। ଯାହାଦ୍ୱାରା ଗାଡି ଚଳାଚଳ ସମୟରେ ପ୍ରବଳ ମାତ୍ରାରେ ଧୂଳି ଉଡି ଗୋଟିଏ ଗାଡି ଅନ୍ୟ ଗାଡିକୁ ଦେଖିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଦୁର୍ଘଟଣା ଆଶଙ୍କା ରହୁଛି। ଗାଡି ଚାଲିବା ଦ୍ୱାରା ଏତେ ମାତ୍ରାରେ ଧୂଳି ଉଡୁଛି ଯେ କାରଖାନାର କର୍ମଚାରୀମାନେ ମଧ୍ୟ କାରଖାନା ପରିସରରେ କାମ କରିବା ନିରାପଦ ମଣୁନାହାଁନ୍ତି। କାରଖାନା ଯାଞ୍ଚ ପାଇଁ ଶିଳ୍ପ ବିଭାଗ ଏକ କମିଟି ଗଠନ କରଛନ୍ତି। ଯାହାକୁ ସେଣ୍ଟ୍ରାଲ ଇନ୍ସପେକ୍ସନ କୋ-ଅଡିନେସନ ଗୃପ(ସିଆଇସିଜି) କୁହାଯାଉଛି। ଏହି ଗ୍ରୁପ ରେ ଶ୍ରମ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ କୁ ସାମିଲ କରାଯାଇଛି। କମ୍ପ୍ୟୁଟର ଜେନେରେଟେଡ ପ୍ରୋଗ୍ରାମ ଅନୁସାରେ ଏହାର ଅଧିକାରୀମାନେ ବିଭିନ୍ନ କଳକାରଖାନା ପରିଦର୍ଶନ କରିବାର ନିୟମ ରହିଛି । କିନ୍ତୁ ଶିଳ୍ପ ବିଭାଗର ଏହି ମହତ କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାରେ ଫେଲ ମାରିଛି। ଯୁଗ୍ମ ଭାବେ ଯାଂଚ ସମୟରେ ଅନେକ ବିଭାଗର ଅଧିକାରୀ ଅନୁପସ୍ଥିତ ରହି ପରବର୍ତ୍ତୀ ସମୟରେ କାଗଜକଲମରେ ଯାଂଚ ରିପୋର୍ଟ ପ୍ରସ୍ତୁତ କରି ଅନ୍ଲାଇନରେ ଅପଲୋଡ କରୁଛନ୍ତି। ଏପରିକି ଅନଲାଇନରେ ଅପଲୋଡ ପରେ ଏହାଉପରେ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଶିଳ୍ପ ବିଭାଗର ସିଆଇସିଜି ଯାଞ୍ଚ ର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଫଳରେ କଳକାରଖାନାରେ ଥିବା ବିଭିନ୍ନ ଅବ୍ୟବସ୍ଥାର ସୁଧାର ଆସି ପାରୁନାହିଁ। ଜନହିତକର ଏବଂ ଶିଳ୍ପ ପ୍ରୋତ୍ସାହନ ପାଇଁ କରାଯାଇଥିବା ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ।

# ବାଲି ଚୋରା ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତ କୋଠିଡ଼ିହ ଗାଁ ନିକଟ ବ୍ରାହ୍ମଣୀ ନଦୀରୁ ହେଉଥିବା ବାଲି ଚୋରା ଚାଲାଣକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି। ଏକ ବାଲି ବୋଝେଇ ହାଇୱା ଓ ପୋକଲିନ୍ ମେସିନ୍‌କୁ ଅଟକାଇ ଏହି ବେଆଇନ ବାଲିଘାଟକୁ ତୁରନ୍ତ ବନ୍ଦ କରିବା ପାଇଁ ନାରାବାଜି କରିଥିଲେ। ପ୍ରଶାସକ ଓ ରାଜନେତାଙ୍କ ସହଯୋଗରେ ଏଠାରୁ ବାଲିମାଫିଆ ବେଧଡ଼କ ବାଲି ଲୁଟ୍ କରୁଥିବା ବେଳେ ରାଜ୍ୟ ସରକାରଙ୍କର ବିପୁଳ ରାଜସ୍ୱ ହାନୀ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ପ୍ରକାଶ ଯେ, ରସୁଲପୁର ତହସିଲ ଅଧୀନ ଲଙ୍କାବାଲିସାହି ବାଲିଘାଟ ଲିଜ୍ ନେଇଥିବା ଲିଜ୍‌ଧାରୀ ଧର୍ମଶାଳା ତହସିଲ ଅଧୀନ କୋଠିଡ଼ିହ ନିକଟ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ବାଲି ଉତୋଳନ କରୁଛନ୍ତି। ଦୁଇଟି ପୋକଲିନ୍ ମେସିନ୍ ବାଲି ଉତୋଳନ କରୁଥିବା ବେଳେ ଏହାକୁ କେତେକ ହାଇୱାରେ ପରିବହନ କରାଯାଉଛି। ଗୋଟିଏ ହାଇୱାରେ ବାଲି ବୋଝେଇ ହୋଇ ଗଲାପରେ ଅନ୍ୟ ଏକ ହାଇୱା ଘାଟରେ ପଶୁଛି। ସ୍ଥାନୀୟ ଅଂଚଳବାସୀଙ୍କୁ ଅନ୍ଧାରରେ ରଖି ଲିଜ୍‌ଧାରୀ ଅତି ଚତୁରତାର ସହ କେତେକ ହାଇୱାରେ ଦିନକୁ ଶତାଧିକ ଟ୍ରିପ୍ ବାଲି ଲୁଟି ନେଉଛନ୍ତି। ଲିଜ୍ ଅଂଚଳରୁ ବାଲି ଉଠାଇବା ପରିବର୍ତେ କାହା ନିର୍ଦ୍ଦେଶରେ ବିନା ଆର୍ ଫର୍ମରେ ଏଠାରୁ ବେଆଇନ ବାଲି ଉତୋଳନ ହେଉଛି ? ଲଘୁ ଖଣିଜ ସାମଗ୍ରୀ ଚୋରି ରୋକିବା ପାଇଁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ଆର୍‌ଆଇଙ୍କୁ ନେଇ ଗଠନ ହୋଇଥିବା ସ୍ୱତନ୍ତ୍ର ଟାକ୍ସଫୋର୍ସ କ’ଣ କରୁଛି ବୋଲି ପ୍ରଶ୍ନ ଉଠାଇଛନ୍ତି ଆନ୍ଦୋଳନକାରୀ। ସେହିପରି ଚାନ୍ଦପୁର ମୌଜାରେ ବାଲି ସୈରାତ୍ ଲିଜ୍ ନେଇଥିବା ଲିଜ୍‌ଧାରୀ ଏଠାରୁ ୩୦ ହଜାର ଘନମିଟରରୁ ଅଧିକ ବାଲି ଲୁଟି ନେଇଥିଲେ। ସ୍ଥାନୀୟ ଅଂଚଳବାସୀଙ୍କ ବିରୋଧ ପରେ ଧର୍ମଶାଳା ତହସିଲ ପକ୍ଷରୁ ଗତ ଜୁନ୍ ମାସରେ ଏଠାରେ ଚଢ଼ଉ କରାଯାଇ ୭ଟି ବାଲି ବୋଝେଇ ହାଇୱା ଓ ୨ଟି ପୋକଲିନ୍ ମେସିନ୍ ଜବତ କରିଥିଲା । ସଂପୃକ୍ତ ବାଲିମାଫିଆ ବିରୋଧରେ ୨କୋଟି ଟଙ୍କା ଜରିମାନା କରାଯାଇଥିଲା। ଏହି ଜରିମାନା ବର୍ତମାନ ସୁଦ୍ଧା ଅନାଦେୟ ରହିଛି । ଏହାସତ୍ତ୍ୱେ ପୁଣି ଏଠାରୁ ୨୦ ହଜାର ଘନମିଟରରୁ ଅଧିକ ବାଲି ଲୁଟ୍ ହୋଇଯିବା ଘଟଣା ପ୍ରଶାସନର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ପୂର୍ବାହ୍ଣରେ ମଙ୍ଗଳପୁର ପଂଚାୟତର ନୂଆକୁଳ, ମଙ୍ଗଳପୁର ଓ କୋଠଡିହ ଗ୍ରାମବାସୀ ବେଆଇନ ବାଲିଘାଟକୁ ବିରୋଧ କରିବା ଓ ବାଲି ବୋଝେଇ ହାଇୱାକୁ ଅଟକାଇଥିବା ଖବର ପାଇ ବ୍ରହ୍ମବରଦା ଫାଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଁଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲା । ଏ ସଂପର୍କରେ ପୁଲିସ୍ ଉଭୟ ଧର୍ମଶାଳା ଓ ରସୁଲପୁର ତହସିଲଦାରଙ୍କୁ ଅବଗତ କରାଇଥିଲେ । ଉକ୍ତ ବିବାଦର ସମାଧାନ ପାଇଁ ଦୁଇ ତହସିଲର ତହସିଲଦାରଙ୍କ ଉପସ୍ଥିତିରେ ଏରିଆ ମାପଚୁପ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀମାନେ ଆନ୍ଦୋଳନରୁ ଓହରିଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ଫଟୋ ସଂଗ୍ରହରେ ବିରଳ ରେକର୍ଡ



ଭୁବନେଶ୍ୱର (ପିଏନ୍): ବାଲକାଟି ରଥଜେମା ଗ୍ରାମର ଶ୍ରୀ ଦିଲ୍ଲୀପ କୁମାର ସାହୁ ବାସ୍ତବରେ ଜଣେ ନିଆରା ସଂଗ୍ରାହକ ଓ ଜଣେ ନିଆରା ମଣିଷ ମଧ୍ୟ। ଖବରକାଗଜରୁ ଦେଶ ବା ରାଜ୍ୟର ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଫଟୋ ସବୁକୁ ସେ ନିୟମିତ ଭାବରେ ସଂଗ୍ରହର କରି ରଖିଥାନ୍ତି। ଆମ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କର ଅନେକ ଫଟୋକୁ ସେ ନିଜ ଫାଇଲ୍‌ରେ ସାଇତି କରି ରଖିଛନ୍ତି। ଅନେକ କ୍ରିକେଟ୍ ଖେଳାଳିଙ୍କ ଫଟୋକୁ ମଧ୍ୟ ସେ ସଂଗ୍ରହ କରି ରଖିଛନ୍ତି। ଆଜିକୁ ଦୀର୍ଘ ୨୦ ବର୍ଷ ତଳେ ସେ ଏହି ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୨୦୦୧ ମସିହାରେ ସେବେଠାରୁ ଦୀର୍ଘ ୨୨ ବର୍ଷ ହେଲାଣି ଦିଲ୍ଲୀପ ଏହି ସଂଗ୍ରହ କାର୍ଯ୍ୟ କରୁଛନ୍ତି। ନିକଟରେ ସେ ଆମ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦୁବାଇ ସାରେଜାସ୍ଥିତ, ବ୍ରାଭୋ ଇଣ୍ଟରନ୍ୟାସ୍‌ନାଲ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଯଦିଓ ଏହି ଆନ୍ତର୍ଜାତିକ ସ୍ତରରେ ରେକର୍ଡ ବୁକ୍‌ରେ ସ୍ଥାନ ପାଇବା ସହଜସାଧ୍ୟ ନୁହେଁ । ତଥାପି ଦିଲ୍ଲୀପଙ୍କ ନିଷ୍ଠାପର ଭାବରେ ନିରନ୍ତର ସଂଗ୍ରହ ଦ୍ୱାରା ଆମ ଦେଶର ପ୍ରଧାନମନ୍ତ୍ରୀଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦିଲ୍ଲୀପ ଆନ୍ତର୍ଜାତିକ ସ୍ତରରେ ଏହି ରେକର୍ଡ କରିଛନ୍ତି। ଦିଲ୍ଲୀପ ମଧ୍ୟ ପ୍ରତ୍ୟେକ ଦିନ ନିଜର ସଂଗ୍ରହକୁ ସାମାଜିକ ଗଣମାଧ୍ୟମରେ ସେୟାର କରନ୍ତି। ଆମ ଦେଶର ନୂତନ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ମଧ୍ୟ ଦିଲ୍ଲୀପଙ୍କ ସଂଗ୍ରହକୁ ଦିଲ୍ଲୀପଙ୍କ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଲାଇକ୍ କରିଛନ୍ତି। ଦିଲ୍ଲୀପ ମଧ୍ୟ ଆହୁରି ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାରମାନେ ନିଜର ଏହି ସଂଗ୍ରହ କାର୍ଯ୍ୟ ଏବଂ କଳା ପାଇଁ ପାଇଛନ୍ତି। ନିକଟରେ ରାଷ୍ଟ୍ରୀୟ ପ୍ରେରଣା ଆୱାଡ-୨୦୨୨ ମଧ୍ୟ ଦିଲ୍ଲୀପ ପାଇଥିଲେ। ଦିଲ୍ଲୀପ ମଧ୍ୟ ୨୦୨୧ ମସିହାରେ ଆମ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଇଣ୍ଡିଆ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଥିଲେ। ଦିଲ୍ଲୀପ ଅନେକ ପୁରସ୍କାର ମଧ୍ୟ ଲାଭ କରିଛନ୍ତି। ୨୦୨୧ ମସିହାରେ ଇଣ୍ଡିଆ ଷ୍ଟାର ଇଣ୍ଡିପେଣ୍ଡେଣ୍ଟ ଆୱାର୍ଡ, ଇଣ୍ଡିଆ ପ୍ରାଉଡ୍ ଆୱାର୍ଡ, ୨୦୨୨ ମସିହାରେ ଇଣ୍ଡିଆ ପ୍ରାଇମ୍ ଆୱାର୍ଡ ପାଇ ଚର୍ଚ୍ଚାରେ ଥିଲେ। ଦିଲ୍ଲୀପ ଜଣେ ଭଲ ଚିତ୍ରଶିଳ୍ପୀ। ଦିଲ୍ଲୀପଙ୍କ ଏହି କାର୍ଯ୍ୟ ପ୍ରଶଂସନୀୟ ଏବଂ ସମ୍ମାନାସ୍ପଦ ଅଟେ।




## କଲରେଇ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

କାକଟପୁର : କାକଟପୁର ମୂଳାଗଡ଼ ସ୍ଥିତ ବିଶ୍ୱ ହିନ୍ଦୁ ପରିଷଦ ପଖଣ୍ଡ କାର୍ଯ୍ୟାଳୟ ପରିସରରେ ସ୍ୱାସ୍ଥ୍ୟ ହିଁ ସମ୍ପଦ ବାର୍ତ୍ତା ନେଇ ମା କଲରେଇ ଚାରିଟବୁଲ ଟ୍ରଷ୍ଟ ସହଭାଗିତା ରେ ହାଇଟେକ୍ ମେଡିକାଲ୍ କଲେଜ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି ।ମା କଲରେଇ ଟ୍ରଷ୍ଟ ର ଅଧ୍ୟକ୍ଷ ଇଂ ରଞ୍ଜିତ ସ୍ୱାଇଁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଇଥିବା ବେଳେ ପାଖଆଖ ଅଞ୍ଚଳରୁ ୨୦୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ମାନେ ଅନିୟମିତ ବ୍ଲଡ଼



ସୁଗର, ବ୍ଲଡ଼ ପ୍ରସର, ସାଧାରଣ ଶରୀର ଯାଞ୍ଚ, ଡାକ୍ତରୀ ପରାମର୍ଶ ଯୋଗାଇ ଦିଆଯିବା ସହ ମେଡ଼ିସିନ ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ହାଇଟେକ୍ ମେଡିକାଲ୍ କଲେଜ ଆଣ୍ଡ ରିସର୍ଚ୍ଚ ସେଣ୍ଟର ର ବରିଷ୍ଠ ପ୍ରଫେସର ଡକ୍ଟର ବିପ୍ଳବ ବିଶ୍ୱ କେଶରୀ ମହାନ୍ତି ଯୋଗଦେଇ ଥିବା ବେଳେ ଔଷଧ ସ୍ପେଶାଲ ଲିଷ୍ଟ ଡକ୍ଟର ସମ୍ବିତ ସୌରଭ ଦାସ ,ଅର୍ଥୋପେଡିକ୍ ଡକ୍ଟର ସିର୍ଦ୍ଧାତ ପାତ୍ର, ସର୍ଜରୀ ବିଭାଗ ଡକ୍ଟର ସଦିପ ଶାସମଲ, ମୁଖ ଓ ମାକ୍ସିଲୋଫେସିୟାଲ ସର୍ଜନ ଉପସ୍ଥିତ ରହି ଥିଲେ। ବିଶ୍ୱହିନ୍ଦୁ ପରିଷଦର କାକଟପୁର ପଖଣ୍ଡ ସଭାପତି କାବୁଲି ବିଶ୍ୱାଳ,ତପିବାବା ଆୟୋଜିତ ଶିବିର ରେ ସହଯୋଗ କରିଥିଲେ। ମା କଲରେଇ ଟ୍ରଷ୍ଟ ଦୀର୍ଘ ଦିନ ହେବ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା, ଅସହାୟଙ୍କୁ ସହାୟତା ର ହାତ ବଢ଼େଇ ଆସିଥିବା ବେଳେ ଆହୁରି ବ୍ୟାପକ କରାଯିବ ବୋଲି ଅଭିଭାଷଣରେ ଇଂ ରଞ୍ଜିତ ସ୍ୱାଇଁ ଅଭିଭାଷଣରେ ମନ୍ତବ୍ୟକ୍ତ କରିଥିଲେ।

## ଜଗତସିଂହପୁରରେ ପଞ୍ଚଦଶ ଜାତୀୟ ମତଦାତା ଦିବସ ପାଳିତ

ଜଗତସିଂହପୁର : ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲା ସ୍ତରୀୟ ପଞ୍ଚଦଶ ଜାତୀୟ ମତଦାତା ଦିବସ,୨୦୨୫ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ଶ୍ରୀ ଜେଠୀ ଉପସ୍ଥିତ ସମସ୍ତ ଅଧିକାରୀ,କର୍ମଚାରୀ, ଛାତ୍ରଛାତ୍ରୀ ତଥା ନୂତନ ଭୋଟରଙ୍କୁ ଆଜି ଦିବସ ପାଇଁ ମତଦାତା ସଂକଳ୍ପ ପାଠ କରାଇଥିଲେ, ଯେଉଁଥିରେ ପ୍ରତ୍ୟେକ ନାଗରିକ ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖି ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ସହ ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁର୍ଣ୍ଣ ରଖି ମତ ଦାନ କରିବାକୁ ଶପଥ ନେଇଥିଲେ। ୧୮ ବର୍ଷ ହେବା ମାତ୍ରେ ନିଜକୁ ଭୋଟର ତାଲିକାରେ ପଞ୍ଜୀକୃତ କରାଇ ଦେଶର ଶାସନରେ ଭାଗୀଦାର ହେବା ନିମନ୍ତେ ଆହ୍ୱାନ ଦେବା ସହ ଏକକ ଭୋଟର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ଜିଲ୍ଲାରେ ସମସ୍ତ ବି.ଏଲ. ଓ, ବି.ଏଲ୍. ଓ ସୁପର ଭାଇଜରମାନେ ଘରକୁ ଘର ବୁଲି ନୂତନ ଭୋଟର ପଞ୍ଜୀକରଣ, ମୃତ ଓ ସ୍ଥାୟୀ ଭାବେ ସ୍ଥାନାନ୍ତରିତ ହୋଇଥିବା ଭୋଟର ମାନଙ୍କ ନାମ ବାଦ ଦେବା ଓ ସଂଶୋଧନ କରିଛନ୍ତି, ସେଥିପାଇଁ ଶ୍ରୀ ଜେଠୀ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏବର୍ଷ ଜାତୀୟ ମତଦାତା ଦିବସ ର ଥିମ୍ ' ଭୋଟ ଦେବାର ଅନୁଭୂତି ଅଟେ ଅତୁଳନୀୟ, ନିର୍ବାଚନରେ ମୁଁ ଭୋଟ ଦେବି ନିଶ୍ଚୟ '' ଉପରେ ଗୁରୁତ୍ୱ ଦେଇ ସଚେତନ ମତଦାତା ହିଁ ଭାରତର ମହାନ୍ ଲୋକତନ୍ତ୍ର କୁ ସୁଦୃଢ଼ କରିପାରିବେ ବୋଲି ସେ ମନ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ହୋଇଥିବା ଓଡ଼ିଆ ଓ ଇଂରାଜୀ ବକ୍ତୃତାଏବଂ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବି. ଏଲ୍. ଓ, ବି. ଏଲ୍.ଓ ସୁପରଭାଇଜର ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଡେପୁଟି କଲେକ୍ଟର,ନିର୍ବାଚନ ବିଭାଗ, ସନ୍ଧ୍ୟାଞ୍ଜଳୀ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ୧୫ ତମ ଜାତୀୟ ମତଦାତା ଦିବସର ଅଭିବାଦନ ଜଣାଇଥିଲେ ତଥା ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ବି.ଏଲ.ଓ, ବି.ଏଲ୍.ଓ ସୁପରଭାଇଜର ମାନଙ୍କ ପ୍ରଶଂସା କରିଥିଲେ।ସହାୟକ ଜିଲ୍ଲାପାଳ, କଳ୍ପିତା କୁମାରୀ ଜେନା ସ୍ୱାଗତ ଅଭିଭାଷଣ ରଖିବା ସହ ଉପସ୍ଥିତ ସମସ୍ତଙ୍କୁ ମତଦାତା ଦିବସର ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ ଏବଂ ଏହି ଦିବସର ଉଦ୍ଦେଶ୍ୟ ବୁଝାଇବା ସହ ନୂତନ ଭୋଟର ମାନଙ୍କୁ ଭୋଟର ତାଲିକାରେ ପଞ୍ଜୀକୃତ ହେବା ପାଇଁ ସଚେତନ କରାଇଥିଲେ।ଶେଷରେ ସହାୟକ ଜିଲ୍ଲାପାଳ, କଳ୍ପିତା କୁମାରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ସମସ୍ତ ବିଭାଗର ଅଧିକାରୀ ଓ କର୍ମକର୍ତ୍ତା,ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ତଥା ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଯୋଗ ଦାଖଲ ପାଇଁ ଯାଇଥିବା ସେବା କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଉପରେ ସଦର ଥାନା ଅଧିକାରୀଙ୍କ ଓଲଟା ଦଣ୍ଡ ବିଧାନ ପାଇଁ ମାମଲା ରୁଜୁ




ଜୟପୁର , : ସେବା କାଗଜ କଳ ର ଅବସରପ୍ରାପ୍ତ ଶ୍ରମିକ ମାନେ ସେମାନଙ୍କ ବକେୟା ପାଉଣା ପାଇଁ ଏବଂ କାରଖାନା କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଦାବିରେ ଗତ ଜୁଲାଇ ଏକ ତାରିଖ ରୁ କାରଖାନା ଗେଟ୍ ପାର୍ଶ୍ୱ ରେ ମୁହଁ ରେ କଳା ପଟି ବାନ୍ଧି ଦଣ୍ଡାୟମାନ ଧାରଣା ଦେଇ ଆସୁଛନ୍ତି । ଗତ ୨୩ ତାରିଖ ଦିନ କାରଖାନା ର ତିନି ଓ ଚାରି ନମ୍ବର ୟୁନିଅନ ର ନେତାମାନେ ଲୋକମାନଙ୍କୁ ଧରି ଆସି ସେମାନଙ୍କ ଝଣ୍ଡା, ବ୍ୟନର୍,ପୋଷ୍ଟର ଚିରି , ବୟୋବୃଦ୍ଧ ଅବସରପ୍ରାପ୍ତ ଶ୍ରମିକ ମାନଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରି,ଶାରିରୀକ ଆକ୍ରମଣ କରି ଠେଲି ଗେଟ୍ ପାର୍ଶ୍ୱ ରୁ ବାହାର କରି ଦେଲେ । ଏ ବିଷୟରେ ଅବସରପ୍ରାପ୍ତ ଶ୍ରମିକ ମାନେ ଜୟପୁର ସଦର ଥାନା ଆଇ ଆଇ ସି ଙ୍କୁ ଗୁହାରି କରିବା ସହ ଯେଉଁ ୟୁନିଅନର ଗୁଣ୍ଡା ମାନେ ଏହି ଅସଭ୍ୟ ବର୍ବୋରଚିତ ଆକ୍ରମଣ କଲେ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ଦାଖଲ କରିବା ପାଇଁ ଯାଇଥିଲେ । ସେଠାରେ ଗାଗନାପୁର ଫାଣ୍ଡି ଅଧିକାରୀ ଙ୍କ ମାଧ୍ୟମରେ ସମସ୍ତ ଙ୍କ ନାଁ ଲେଖି ନେଲେ ଏବଂ ଆଜି ସେମାନଙ୍କ ନାଁ ରେ ଭାରତୀୟ ନ୍ୟାୟ ସଂହିତା ର ୧୮୯(୨), ୧୯୧(୨), ୧୯୦,୨୯୬, ୩୫୧,(୨), (୩), ୧୨୬(୨) ଏଭଳି ଛଅ ଟି ଦଫା ରେ ମାମଲା ରୁଜୁ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ଗତ ସାତ ମାସ ହେଲା ଅବସରପ୍ରାପ୍ତ ଶ୍ରମିକ ମାନେ ନିଜ ଦାବି ହାସଲ ପାଇଁ ପ୍ଲାକାର୍ଡ ଝଣ୍ଡା ବ୍ୟନର୍ ଧରି ପ୍ରତ୍ୟହ ଏକ ରୁ ଦେଢ଼ ଦୁଇ ଘଣ୍ଟା କୌଣସି ବାଧା ବିଘ୍ନ ସୃଷ୍ଟି ନକରି ଆନ୍ଦୋଳନ ଜାରି ରଖିଛନ୍ତି। ସମୁଦାୟ ଚାରି କି ପାଞ୍ଚ ଜଣ ଯୋଗ ଦେଉଛନ୍ତି । କିନ୍ତୁ ଯେଉଁମାନେ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଉପରେ ଆକ୍ରମଣ କଲେ ସେମାନେ କେଉଁ ଅଧିକାର ଓ କେଉଁ କାରଣରୁ କଲେ ଯେତେବେଳେ ମ୍ୟାନେଜମେଣ୍ଟ କୌଣସି ରିପୋର୍ଟ ଦେଇ ନାହିଁ, ସେମାନଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାର ଅପେକ୍ଷା କରାଯାଉଛି। କାରଖାନା ମୁଖ୍ୟ ଫାଟକ ଉପରେ ସିସିଟିଭି କ୍ୟାମେରାରେ ସେଦିନ ଏବଂ ତାପର ଦିନ ଘଟିଥିବା ସମସ୍ତ ଘଟଣା ରେକର୍ଡ଼ ହୋଇ ରହିଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ସାମ୍ବିଧାନିକ ବ୍ୟବସ୍ଥା ଭିତରେ ନିଜର ହକ୍ ପାଉଣା ପାଇଁ ପ୍ରତିବାଦ କରିବାର ଅଧିକାର ସମସ୍ତଙ୍କର ରହିଛି। ଆଜି କାରଖାନା ଗେଟ୍ କୁ ଜାମ୍ କଲା ଭଳି ଉକ୍ତ ଦୁଇଟି ୟୁନିଅନର ନେତୃତ୍ୱରେ ବହୁ ପ୍ରତିନିଧି ଛିଡା ହୋଇ ରହିଲେ ଏବଂ ଅବସରପ୍ରାପ୍ତ ଶ୍ରମିକ ମାନେ ରାସ୍ତା ର ଅପର ପାର୍ଶ୍ୱ ରେ ଏକ ସରକାରୀ ଜମିରେ ଅଲଗା ଅଲଗା ହୋଇ ଛିଡା ହୋଇ ବିକ୍ଷୋଭ ପ୍ରଦର୍ଶନ କଲେ । ସଦର ଥାନା ପୋଲିସ୍ ଅଧିକାରୀ ମାନେ ଏ ସମସ୍ତ ବିଷୟ ଧ୍ୟାନକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି କି ନାହିଁ ଦେଖିବାକୁ ଅପେକ୍ଷା କରିଛୁ ବୋଲି ଅବସରପ୍ରାପ୍ତ ଶ୍ରମିକ ସମୂହ ର ଆବାହକ ଏବଂ ପ୍ରଥମ ୟୁନିଅନର ସଭାପତି ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

## ସିଲିଯୋଡା କାଳିମାଟି ଆଇରନ ଓ ମାଙ୍ଗାନିଜ ଖଣିରେ ବିଭିନ୍ନ ଦାବି ନେଇ ଶ୍ରମିକ ଆନ୍ଦୋଳନ

କେନ୍ଦୁଝର : କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ସିଲଯୋଡା କାଳିମାଟି ଆଇରନ ଓ ମାଙ୍ଗାନିଜ ଖଣିରେ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ଛଟେଇ,ସର୍ବନିମ୍ନ ମଜୁରି ପ୍ରଦାନ, ଇପିଏଫ, ଇଏସ୍ଆଇ ,ବାର୍ଷିକ ବୋନସ ପ୍ରଦାନ ନ କରି ଶ୍ରମିକ ଙ୍କୁ ଶୋଷଣ କରୁଥିବା ସହ ଖଣି ପ୍ରଭାବିତ ଅଞ୍ଚଳରେ ସାମାଜିକ ଦାୟିତ୍ୱ ବୋଧ ନ ତୁଲାଇବା ର ଅଭିଯୋଗ କରି ଶ୍ରମିକ ଆନ୍ଦୋଳନ ଚାଲିଥିବା ଜଣାପଡ଼ିଛି, ପ୍ରାପ୍ତ ସୂଚନା ଅନୁଯାୟୀ ଉକ୍ତ ଖଣି ରେ କାର୍ଯ୍ୟକରୁଥିବା ଶ୍ରମିକ ମାନଙ୍କୁ ନିଜ ଅଧିକାର ରୁ କମ୍ପାନୀ ବଞ୍ଚିତ କରୁଥିବା ବେଳେ ଅହେତୁକ ଶୋଷଣ ନୀତି ଅବଲମ୍ବନ କରୁଛି, ଖଣି ପ୍ରଭାବିତ ଅଞ୍ଚଳରେ ପ୍ରାରମ୍ଭିକ ସ୍ୱାସ୍ଥ୍ୟସେବା ଯୋଗାଇବା, ଶୁଦ୍ଧ ପାନୀୟ ଜଳ ଯୋଗାଣ, ଭୋଜନ ମଣ୍ଡପ ନିର୍ମାଣ ଓ କାର୍ଯ୍ୟସ୍ଥଳୀ ରେ ଅସ୍ଥାୟୀ ବିଶ୍ରାମ ଗୃହ ନିର୍ମାଣ ଇତ୍ୟାଦି ଜନମଙ୍ଗଳ କାର୍ଯ୍ୟ ଗୁଡ଼ିକ ଦାବି କରି ଶ୍ରମିକ ଆନ୍ଦୋଳନ ଚାଲୁଅଛି ।ସିଲଯୋଡା କାଳିମାଟି ମାଇନ୍ସ ମଜଦୁର ସଂଘ ର ଆହ୍ୱାନ କ୍ରମେ ଖଣିରେ କାର୍ଯ୍ୟରତ ଶ୍ରମିକ ମାନେ ଖଣି କାର୍ଯ୍ୟାଳୟ ସମ୍ମୁଖ ରେ ଗଣଧାରଣା ରେ ବସିଅଛନ୍ତି। ଭାରତୀୟ ମଜଦୂର ସଂଘ ଓଡ଼ିଶା ପ୍ରଦେଶ ର ଉପସଭାପତି ଶ୍ରୀଯୁକ୍ତ ଡାକ୍ତର ମହାନ୍ତ ଓ କେନ୍ଦୁଝର ଜିଲ୍ଲା ସଂଘ ର ସଭାପତି ବାବୁଲାଲ ମହାନ୍ତ, ସଂଗଠନ ସଂପାଦକ ମନୋଜ କୁମାର ପଟେଲ, ବରିଷ୍ଠ ଆଇନଜୀବୀ ଜତୀନ୍ଦ୍ର କୁମାର ବେହେରା ,ଚନ୍ଦନ ବୋଇପାଇ, ଗାୟତ୍ରୀ ଜେନା, ସଞ୍ଜୟ ମହାନ୍ତ,ବାସନ୍ତୀ ପାତ୍ର,ପାନ ମାଝୀ ପ୍ରମୁଖ ସାମିଲ ହୋଇ ଶ୍ରମିକ ମାନଙ୍କ ଅଧିକାର ଓ ସ୍ୱାଭିମାନ କୁ ଯଥାଶୀଘ୍ର କମ୍ପାନୀ କର୍ତ୍ତୃପକ୍ଷ ଦୃଷ୍ଟି ଆକର୍ଷଣ ନ କରନ୍ତି ତାହେଲେ ଅନିର୍ଦ୍ଦିଷ୍ଟ କାଳ ଗଣଧାରଣା ଚାଲୁରହିବ ବୋଲି ଚେତାବନୀ ଦେଇ ଅଛନ୍ତି । ତେବେ କମ୍ପାନୀ ପ୍ରରୋଚନାରେ ଆସି ସ୍ଥାନୀୟ ପୋଲିସ ପ୍ରଶାସନ ଆନ୍ଦୋଳନ ର ମୁଖ୍ୟ ତଥା କାଳୀମାଟି ମାଇନ୍ସ ମଜଦୁର ସଂଘର ସାଧାରଣ ସଞ୍ଜୟ ଲାଗୁରି କୁ ବାମେବାରି ପୋଲିସ ଗିରଫ କରି ଶ୍ରମିକ ଙ୍କ ପ୍ରତି ଅନ୍ୟାୟ କରିଥିବା ନେଇ ସମସ୍ତ ଶ୍ରମିକ ଙ୍କ ମଧ୍ୟରେ ଅସନ୍ତୋଷ ଭାବ ଦେଖା ଦେଇଛି।

## ଅଟୋ ଓ ସ୍କୁଟି ଧକ୍କା ରେ ଜଣେ ଆହତ

ଚମ୍ପୁଆ, : ଚମ୍ପୁଆ ଏନଏସି ଅନ୍ତର୍ଗତ ମାଛ ମାର୍କେଟ ନିକଟରେ ଅଟୋ ଓ ସ୍କୁଟି ମଧ୍ୟ ରେ ମୁହାଁମୁହିଁ ଧକ୍କା ହେବାରୁ ସ୍କୁଟି ଚାଳକ ଗୁରୁତର ଆହତ ହୋଇଛନ୍ତି। ଆଜି ସନ୍ଧ୍ୟା ପ୍ରାୟ ଛଅ ଘଟିକା ସମୟରେ ଜୟନ୍ତୀଗଡ଼ ପଟୁ ଆସୁଥିବା ଏକ ଡାଲା ଅଟୋର ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟି ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ସ୍କୁଟି ଚାଳକ ଗୁରୁତର ଆହତ ହୋଇଥିଲେ । ଆହତ ସ୍କୁଟି ଚାଳକ ଜଣକ ହେଲେ ଜୟନ୍ତୀଗଡ ନିକଟସ୍ଥ ଗୁଟୁସାହିର ଅନୁରୋଧ ସିଙ୍କୁ (୨୦) । ସ୍ଥାନୀୟ ଲୋକେ ତାଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ତେବେ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଛି । ଚମ୍ପୁଆ ପୋଲିସ ଘଟଣା ସ୍ଥଳରେ ପହଂଚି ଗାଡି ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଜାତୀୟ ସେମିନାର ଉଦଯାପିତ

ଜୟପୁର , : ଶିକ୍ଷକ ଶିକ୍ଷା ବିଭାଗରେ ନ୍ୟାସନାଲ ସେମିନାର୍ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଜୟପୁରସ୍ଥିତ ଶିକ୍ଷକ ଶିକ୍ଷା ବିଭାଗର ଆନୁକୁଲ୍ୟରେ ବିଭାଗୀୟ ମୁଖ୍ୟ ଡ଼ ମନୋରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦୁଇ ଦିବସୀୟ ଜାତୀୟ ପତ୍ରବାଚନ (ନ୍ୟାସନାଲ ସେମିନାର୍) ଉଦଯାପିତ ହୋଇଯାଇଛି। ବିକଶିତ ଭାରତ ଗଠନରେ ଶିକ୍ଷକ ଶିକ୍ଷା ଶୀର୍ଷକ ଉପରେ ଆଧାରିତ ସେମିନାରରେ ୫୭ ଜଣ ଗବେଷକ, ଅଧ୍ୟାପକ ଓ ଶିକ୍ଷାବିତ୍ ମାନଙ୍କ ଦ୍ୱାରା ସର୍ବମୋଟ ୪୭ଟି ସନ୍ଦର୍ଭ ଉପସ୍ଥାପନ କରାଯାଇଥିଲା। ସେଥିପାଇଁ ଚାରୋଟି ବୈଷୟିକ ଅଧିବେଶନ ଉଭୟ ଆଭାସୀ ଓ ପ୍ରତ୍ୟକ୍ଷ ଉପସ୍ଥିତିରରେ ଉପସ୍ଥାପନ ହୋଇଥିଲା। ଦୁଇ ଦିନରେ ୧୪ ଜଣ ଶିକ୍ଷାବିତ୍ ବକ୍ତା ଭାବରେ ଉଦବୋଧନ ଦେଇଥିଲେ। ସମସ୍ତ ଅତିଥି



ପ୍ରଫେସରଙ୍କୁ ଉପଢୌକନ ଓ ସ୍ମୃତିଫଳକ ଦେଇ ସମ୍ମାନୀତ କରାଯାଇଥିଲା। ଉଦଯାପନୀ ସତ୍ରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର, ଏନସିଇଆରଟି, ନୂଆଦିଲ୍ଲୀର ପ୍ରାକ୍ତନ ନିର୍ଦ୍ଦେଶକ ଓ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ବର୍ତ୍ତମାନର ପ୍ରଫେସର ଡ଼ଃ ହୃଷୀକେଶ ସେନାପତି ମୁଖ୍ୟ ଅତିଥି, ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟ ପାଠ୍ୟକ୍ରମ ଆଧାରର ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ମୁଖ୍ୟବକ୍ତା, ଉଚ୍ଚ ଶିକ୍ଷା ବିଭାଗର ଜୟପୁରସ୍ଥିତ ଆଞ୍ଚଳିକ ନିର୍ଦ୍ଦେଶଳାୟର ଆଞ୍ଚଳିକ ନିର୍ଦ୍ଦେଶନାକ ଡ଼ ଗୋପାଳ ହାଲଦାର ସମ୍ମିଳନୀ ଅତିଥି ଭାବରେ ଯୋଗଦେଇ ବିକଶିତ ଭାରତ ଗଠନରେ ଶିକ୍ଷା ଓ ଶିକ୍ଷକ ଶିକ୍ଷାର ଭୂମିକା ସମ୍ବନ୍ଧରେ ବିଷଦ ଆଲୋଚନା କରିଥିଲେ। ଚାରୋଟି ଅଧିବେନକୁ ଡ଼ ଲତିକା ମିଶ୍ର, ପ୍ରଫେସର ଭରତ କୁମାର ପଣ୍ଡା, ପ୍ରଫେସର ବୃନ୍ଦାବନ ଚନ୍ଦ୍ର ମିଶ୍ର, ପ୍ରଫେସର ଦେବେନ୍ଦ୍ର କୁମାର ସେଠୀ,ଡ଼ ଦେବଦତ୍ତ ଇନ୍ଦୁରିଆ, ବିଳାସପୁରସ୍ଥିତ ଗୁରୁଘାସିଦାସ କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟର ପ୍ରଫେସର ରାମକୃଷ୍ଣ ପ୍ରଧାନ,ଡ଼ ଆଦିତ୍ୟ କେଶରୀ ମିଶ୍ର,ଡ଼ ଯୁଗଳ କିଶୋର ମିଶ୍ର, ହାଇଦ୍ରାବାଦ କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଦାମ ପାଉଲ୍ ପଟେଟି, ଏନସିଆରଟିର ସହଯୋଗୀ ପ୍ରଫେସର ଡ ଭାବଗ୍ରାହୀ ପ୍ରଧାନ,ପ୍ରମୁଖ ସଭାପତି ଓ ମୁଖ୍ୟବକ୍ତା ଭାବରେ ସେମାନଙ୍କ ଦାୟିତ୍ୱ ତୁଲେଇଥିଲେ।ମଧ୍ୟାହ୍ନ ଭୋଜନ ପରେ ଆୟୋଜିତ ଉଦଯାପନୀ ସତ୍ରରେ କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି, କୁଳସଚିବ ଶ୍ରୀ ରଞ୍ଜନ କୁମାର ପ୍ରଧାନ ସମ୍ମାନିତ ଅତିଥି, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ତଥା ସେମିନାର ଆବାହକ ଡ଼ ପ୍ରଶାନ୍ତ କୁମାର ପାତ୍ର ପ୍ରମୁଖ ଉଦବୋଧନ ଦେଇଥିଲେ।ସେମାନାର୍ ସଂଗଠନ ସଂପାଦକ ଡ଼ ମନୋରଞ୍ଜନ ପ୍ରଧାନ ଦୁଇଦିନର ବିବରଣୀ ପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ପ୍ରତିଭାଗୀଙ୍କୁ ମାନପତ୍ର ସହ ସେମିନାର କିଟ୍ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ କି ଦୁଇ ଦିବସୀୟ ଜାତୀୟ ପତ୍ରବାଚନର ଆକର୍ଷଣର କେନ୍ଦ୍ର ଥିଲା ଶିକ୍ଷକ ଶିକ୍ଷା ଆଧାରିତ ବିକଶିତ ଭାରତ ଗଠନ ସମ୍ବନ୍ଧୀୟ ଆଲୋଚନା ସହ ଗୁରୁ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାଚୀର ପତ୍ରିକା କୁନ୍ଦ କଳିକା, ପାଠ୍ୟପୋକରଣ ଓ ଚିତ୍ରକଳା ପ୍ରଦର୍ଶନୀ।ଦୁଇ ଦିବସୀୟ ସେମିନାରର ସଫଳ ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟ ତରଫରୁ ଖୁସି ବ୍ୟକ୍ତ କରାଯାଇଥିଲା।

## ସୋର ୟୁଏନ୍ କଲେଜ ଗଣିତ ବିଭାଗ ପାଠଚକ୍ର



ସୋର, : ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ଗଣିତ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ କଲେଜ ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପ୍ରଧାନ ଉଦ୍ ?ଘାଟନ କରି ସଭାପତିତ୍ୱ କରିଥିଲେ। ଏଥିରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଅଜିତ କୁମାର ଦାସ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ବିଷୟ ଶୀର୍ଷକ- "ଟ୍ରାନ୍ସଫରମେସନ ଅଫ ଟୁଟେଣ୍ଟ ଫକ୍ ?ସନ ଟୁ ମୋବିୟସ ଫକ୍ ?ସନ" ଉପରେ ବିଷଦ ଆଲୋଚନା କରିଥିଲେ। ଅତିଥି ଭାବେ ବାଣଜ୍ୟ ବିଭାଗ ମୁଖ୍ୟ ଜନାର୍ଦ୍ଦନ ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କଲେଜ ବିଭାଗୀୟ ମୁଖ୍ୟ ରାଜେନ୍ଦ୍ର ଘୋଷ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ମାନସ ରଂଜନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ନୀଳରତନ ଲେଙ୍କା, ବିଶ୍ୱଜିତ ବାରିକ, ରୋଜାଲିନ ମୁଦୁଲି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଗଣିତ ବିଭାଗର ସସସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## କିଟ୍ ଓ କିସ୍ ପକ୍ଷରୁ ମିନି ମାରାଥନ

ଭୁବନେଶ୍ୱର, : କିଟ୍ ଓ କିସ୍ ପକ୍ଷରୁ ପ୍ରତିବର୍ଷ ଓଡ଼ିଶାର ସମସ୍ତ ଜିଲ୍ଲା ତଥା ଭାରତର ବିଭିନ୍ନ ସହରରେ 'ସମସ୍ତଙ୍କ ପାଇଁ ଶିକ୍ଷା' ଲକ୍ଷ୍ୟରେ ମିନି ମାରାଥନ ଆୟୋଜନ କରାଯାଇଥାଏ। ଚଳିତ ବର୍ଷ ଓଡ଼ିଶାର ୩୭ଟି ସ୍ଥାନ ଓ ଭାରତର ୬୫ରୁ ଉର୍ଦ୍ଧ୍ୱ ସ୍ଥାନରେ ଏହି ମିନି ମାରାଥନ ଆୟୋଜନ କରାଯାଇଥିଲା। ଏହାର ଏକ ଅଂଶ ବିଶେଷ ଭୁବନେଶ୍ୱରରେ ନିଆରା ଢଙ୍ଗରେ 'ପାଟାଥନ' ଆୟୋଜନ କରାଯାଇଥିଲା। ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ ଚାଲିଥିବା ଏହି ପାଟାଥନର ଦ୍ୱିତୀୟ ସଂସ୍କରଣରେ ୬ ହଜାର ମହିଳା ପାଟ ଶାଢ଼ି ପିନ୍ଧି ଦୌଡ଼ିଥିଲେ। 'ମହିଳା ସଶକ୍ତିକରଣ' ଓ 'ସମସ୍ତଙ୍କ ପାଇଁ ଶିକ୍ଷା' ଉଦ୍ଦେଶ୍ୟରେ ପ୍ରତିବର୍ଷ ପାଟାଥନ ଆୟୋଜନ କରାଯାଉଛି। କିଟ୍, କିସ୍ ଓ କିମ୍ସର ୫ହଜାର ମହିଳା କର୍ମଚାରୀ ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳାମାନେ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ। ଶିଖରଚଣ୍ଡୀ ମନ୍ଦିର ଛକରୁ କିସ୍ ଆଥଲେଟିକ୍ ଷ୍ଟାଡିୟମ ପର୍ଯ୍ୟନ୍ତ ମହିଳାମାନେ ଦୌଡ଼ିଥିଲେ। ଏହି ଗଣଦୌଡ଼ରେ ରାଉରକେଲାର କିରଣ ମାହାତୋ ପ୍ରଥମ ପୁରସ୍କାର ୫୦ ହଜାର ଟଙ୍କା ଜିଣିଥିବା ବେଳେ ଦ୍ୱିତୀୟ ଓ ତୃତୀୟ



ପୁରସ୍କାର ଯଥାକ୍ରମେ କଟକର ତେଜସ୍ୱିନୀ କିସପଟ୍ଟା ଓ ସସ୍ମିତା ବେହେରା ୪୦ ହଜାର ଓ ୩୦ ହଜାର ଟଙ୍କା ପୁରସ୍କାର ଜିତିଥିଲେ। ସେହିପରି ୭ଜଣ ରନର୍ସଅପ୍‌ଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ସମସ୍ତ ବିଜୟୀଙ୍କୁ ପାଟଶାଢ଼ି ପ୍ରଦାନ କରାଯାଇଥିଲା। କିଟ କେ- ୩ ମହିଳା କ୍ଲବ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ବିଏମସି ମେୟର ସୁଲୋଚନା ଦାସ, କର୍ପୋରେଟର ପ୍ରତିନନ୍ଦା ରାଉତରାୟ, ଅଲିମ୍ପିଆନ୍ ଦୂତି ଚାନ୍ଦ, ଅନୁରାଧା ବିଶ୍ୱାଳ, ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇ ମାରାଥନରେ ଅଂଶଗ୍ରହଣ କରିଥିବା ମହିଳାମାନଙ୍କୁ ଉତ୍ସାହିତ ଓ ପୁରସ୍କାର ପ୍ରଦାନ କରିଥିଲେ। 'ସମସ୍ତଙ୍କ ପାଇଁ ଶିକ୍ଷା' ନେଇ ସାଧାରଣରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ପ୍ରୋତ୍ସାହନରେ ୨୦୧୬ ମସିହାରୁ ଏହା ଆୟୋଜିତ ହୋଇଆସୁଛି।

## ମୂଳିସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ

ସୋର, : ସୋର ବ୍ଲକ ମୂଳିସିଂ ପଞ୍ଚାୟତ ମୂଳିସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତାପସୀରାଣୀ ଦାସଙ୍କ ସଭାପତିତ୍ୱ ରେ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ବ୍ଲକ ଅଧକ୍ଷ ସତ୍ୟନାରାୟଣ ମହାପାତ୍ର ଯୋଗଦେଇ ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ ।ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼.ଶରତ ଚନ୍ଦ୍ର ମହାନ୍ତି ଯୋଗଦେଇ ଧନ ଚୋରି ହୁଏ କିନ୍ତୁ ବିଦ୍ୟା ଚୋରି ହୁଏ ନାହିଁ। ତେଣୁ ଛାତ୍ରଛାତ୍ରୀ ମାନେ ମନ ଦେଇ ପାଠ ପଢି ବିଦ୍ୟା ଆହରଣ କରିବାକୁ ଉପଦେଶ ଦେଇଥିଲେ ।ସମ୍ମାନିତ ଅତିଥି ଭବେ ପଞ୍ଚାୟତ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବେହେରା, ସମିତିସଭ୍ୟ ଶରତ ଦଳେଇ, ଏଲିମେଣ୍ଟାରୀ ଶିକ୍ଷକ ସଙ୍ଘର ସଭାପତି ମହେଶ୍ୱର ବେହେରା, ସମ୍ବାଦିକ ରମାକାନ୍ତ ମହାନ୍ତି, ସିଆରସିସି ରବୀନ୍ଦ୍ର ବେହେରା, ପରିଚାଳନା କମିଟି ସଭାପତି ଜୟକୃଷ୍ଣ ରାଉତ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ବାର୍ଷିକ କ୍ରୀଡାରେ କୃତି ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟରେ ଅନୁଷ୍ଠିତ ମାତୃ ପ୍ରତିଯୋଗିତାରେ କୃତି ମାଆ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥି ସହିତ ବିଦ୍ୟାଳୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ବୈରାଗୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ସହକାରୀ ଶିକ୍ଷୟିତ୍ରୀ ଲତାଶ୍ରୀ ଧଡା ମଞ୍ଚ ଆହ୍ୱାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାର୍ଷିକ ବିବରଣୀ ପାଠ କରିଥିଲେ ଶିକ୍ଷୟିତ୍ରୀ ଅଭିସ୍ମା ମଞ୍ଜରୀ ପତି। ଶିକ୍ଷକ ବିଶ୍ୱଜିତ ଦ୍ୱାରୀ ମାନପତ୍ର ପାଠ କରିଥିବା ବେଳେ ଶୈଳବାଳା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଟିପିଏନଓଡିଏଲ୍ ପକ୍ଷରୁ ସଫଳତାର ସହ ବିଜନେସ୍ ଆସୋସିଏଟ୍ସ ମିଟ୍ ଆୟୋଜିତ

ବାଲେଶ୍ୱର : ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍ଓଡିଏଲ୍) ପକ୍ଷରୁ ୨୦୨୫ ଜାନୁଆରି ୨୨ରେ ବିଜନେସ୍ ଆସୋସିଏଟ୍ସ (ବିଏ) ମିଟ୍ ଆୟୋଜନ କରାଯାଇଛି। ଏଥିରେ ପ୍ରମୁଖ ଅଂଶୀଦାରମାନେ ଏକତ୍ରୀତ ହୋଇଥିଲେ ଯାହା ଭେଣ୍ଡର ସମ୍ପର୍କକୁ ସୁଦୃଢ଼ କରିବା ସହ ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ସଶକ୍ତ କରିବ। ଏହି କାର୍ଯ୍ୟକ୍ରମରେ ଟିପିଏନଓଡିଏଲର ସିଇଓ ଦ୍ୱିଜଦାସ ବସାକ, କଣ୍ଟ୍ରାକ୍ଟ ଏବଂ ମ୍ୟାଟେରିଆଲ ମ୍ୟାନେଜମେଣ୍ଟ ମୁଖ୍ୟ ହରିଶ ଶର୍ମା, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ସିଏଫ୍ଓ ଶିଳାଦିତ୍ୟ ସେନଗୁପ୍ତା, ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀ ରାଜୀବ ନାୟକ, ମାନବ ସମ୍ବଳ, ଆଇଇ ଆଣ୍ଡ ଇଏସଏର ମୁଖ୍ୟ ରମେନ୍ଦ୍ର ବଣିକ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ (ନିରାପତା) ସୁରେଶ ଚନ୍ଦ୍ର ସାହୁଙ୍କ ସମେତ ୧୩୫ ବିଜନେସ ଆସୋସିଏଟ ଏବଂ ଟିପିଏନଓଡିଏଲର ବରିଷ୍ଠ ନେତୃବୃନ୍ଦ ସକ୍ରିୟ



ଅଂଶଗ୍ରହଣ କରିଥିଲେ।ସମସ୍ତେ ନିରାପତା ଶପଥ ଗ୍ରହଣ କରିବା ସହ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସିଆଣ୍ଡଏମ୍ଏମ୍ ମୁଖ୍ୟ ଟିପିଏନଓଡିଏଲର ଦୃଢ଼ ଭେଣ୍ଡର ସହଯୋଗିତା, ଏମ୍ଏସ୍ଏମ୍ଇ ଅଭିବୃଦ୍ଧି ପାଇଁ ଏହାର ସମର୍ଥନ ଏବଂ ଉଭୟ ଶିଳ୍ପ ଓ ସମୁଦାୟରେ ଏହାର ବିସ୍ତାରିତ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ପ୍ରକଳ୍ପ ଉପମୁଖ୍ୟ ସବୁଜ ଅଭିବୃଦ୍ଧି, ଗୋଷ୍ଠୀ ବିକାଶ ଏବଂ ପରିବେଶ ସଂରକ୍ଷଣ ପାଇଁ ଟିପିଏନଓଡିଏଲର ସମର୍ପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ-ନିରାପତା ସମସ୍ତ କାର୍ଯ୍ୟରେ ଉଚ୍ଚ ନିରାପତା ମାନ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ।ଟିପିଏନଓଡିଏଲର ସିଇଓ ଦ୍ୱିଜଦାସ ବସାକ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି କହିଥିଲେ ଯେ, "ଆମର ଲକ୍ଷ୍ୟ ଆଗାମୀ ପ୍ରକଳ୍ପ ଏବଂ ଗୋଷ୍ଠୀ ବିକାଶକୁ ପ୍ରୋତ୍ସାହିତ କରୁଥିବା ପଦକ୍ଷେପ ଉପରେ କେନ୍ଦ୍ରୀଭୂତ ରହିଛି। ପାରସ୍ପରିକ ସଫଳତାକୁ ପ୍ରୋତ୍ସାହିତ କରିବାରେ ଆମ ସହିତ ସହଯୋଗ କରିବାକୁ ଆମେ ଆମର ବ୍ୟାବସାୟିକ ସହଯୋଗୀମାନଙ୍କୁ ପ୍ରୋତ୍ସାହିତ କରୁଛୁ।''ବାତ୍ୟା ଦାନା ସମୟରେ ବିଜନେସ୍ ଆସୋସିଏଟ୍ କର୍ମଚାରୀଙ୍କ ଅକ୍ଳାନ୍ତ ନିଷ୍ଠା ଓ ପ୍ରୟାସକୁ ସେ ପ୍ରଶଂସା କରିବା ସହ ପୁନରୁଦ୍ଧାର ଓ ଥଇଥାନ କ୍ଷେତ୍ରରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିଥିଲେ ।ମାନବ ସମ୍ବଳ, ଆଇଇ ଏବଂ ଇଏସ୍ଏ ମୁଖ୍ୟ ଅନୁପାଳନକୁ ସୁବ୍ୟବସ୍ଥିତ କରିବା ଏବଂ ପରିଚାଳନାରେ ଉନ୍ନତି ଆଣିବା ପାଇଁ ପ୍ରୟାସ ବିଷୟରେ ଆଲୋକପାତ କରିଥିବା ବେଳେ ନିରାପତା ବିଭାଗ ମୁଖ୍ୟ ବିକ୍ରେତା ନିରାପତା ବୃଦ୍ଧି ଏବଂ ନୀତିକୁ ସୁଦୃଢ଼ କରିବା ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ।




# ଧର୍ମ ପରିବର୍ତ୍ତନ ନା ହୃଦୟ ପରିବର୍ତ୍ତନ !

ନିକଟରେ ରାଜଧାନୀ ଦିଲ୍ଲୀର ଆମ୍ବେଦକର ଭବନଠାରେ ଦଶ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ସମସ୍ତେ ଏକ ସ୍ୱରରେ କହୁଥିଲେ କୃଷ୍ଣ ଭଗବାନ କିଏ? ରାମଙ୍କୁ ଆମେ କାହିଁକି ମାନିବୁ? ଶିବ ଗଣେଷ ଇତ୍ୟାଦି। ମନ ଭିତରେ ସେମାନଙ୍କର ଭୀଷଣ କ୍ଷୋଭ ଓ ବିରକ୍ତିକର ଭାବନା ବାରି ହୋଇପଡୁଥିଲା। ଗତ ମାସର ପ୍ରଥମ ସପ୍ତାହରେ ଘଟିଥିବା ଏହି ମତାନ୍ତରଣ ଆମ ସମସ୍ତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଚିନ୍ତା କରିବାକୁ ବାଧ କରିବ। ଆୟୋଜକମାନେ ଦାବି କରନ୍ତି ଯେ, ଆମ ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଇଚ୍ଛା ଅନୁସାରେ କୌଣସି ଧର୍ମ ଗ୍ରହଣ କରିବା ପାଇଁ ସ୍ୱାଧୀନତା ଦେଇଆସିଛି। ଏହି କାର୍ଯ୍ୟକ୍ରମରେ ଦଶହଜାର (ଦଳିତ) ଜନଜାତିବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କଲେ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏକସଙ୍ଗରେ ଦଶ ହଜାର ବ୍ୟକ୍ତିଙ୍କୁ କିପରି ହିନ୍ଦୁଧର୍ମ ଅସହ୍ୟବୋଧ ହେଲା, ବୌଦ୍ଧମତ ପ୍ରତି ଆସ୍ଥା ଘନୀଭୂତ ହେଲା? କାର୍ଯ୍ୟକ୍ରମଟିରେ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମଙ୍କର ସକ୍ରିୟତା ବିବାଦାସ୍ପଦ ମନେହୁଏ। ସମାରୋହରେ ବାବାସାହେବ ଆମ୍ବେଦକରଙ୍କ ନାତି ରାଜରତ୍ନ ଆମ୍ବେଦକର ଉପସ୍ଥିତ ଥିଲେ। ସେ ଲୋକମାନଙ୍କୁ ହିନ୍ଦୁ ଦେବଦେବୀଙ୍କୁ ନ ମାନିବା, ପୂଜାପାଠ ନ କରିବା ଆଦି ପ୍ରତିଜ୍ଞା କରାଉଥିଲେ। ତାଙ୍କ ବକ୍ତବ୍ୟରେ ଭାରତୀୟ ସମାଜ ବ୍ୟବସ୍ଥା ପ୍ରତି ଆକ୍ରମଣାତ୍ମକ ମନୋଭାବ ଭରିରହିଥିଲା।

ବାବାସାହେବ ବୌଦ୍ଧ ଭିକ୍ଷୁ ନଥିଲେ ବରଂ ଜଣେ ରାଜନୈତିକ ବ୍ୟକ୍ତି ଥିଲେ। ସେ ୧୯୩୫ ମସିହାରେ ହିନ୍ଦୁଧର୍ମ ତ୍ୟାଗ କରିବାକୁ ଘୋଷଣା କରିଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ବୌଦ୍ଧଧର୍ମ ଗ୍ରହଣ କଲେ। ପ୍ରଶ୍ନ ଉଠେ ସେ ଦୀର୍ଘ ୨୦ ବର୍ଷ କାହିଁକି ଅପେକ୍ଷା କଲେ? ତାଙ୍କର ନିଷ୍ପତ୍ତି ଭୁଲ ଥିଲା କି? ବାବାସାହେବ ବୌଦ୍ଧଧର୍ମ ଗ୍ରହଣ କରିବା ପଛର ବଡ଼ କାରଣ ଥିଲା ହିନ୍ଦୁଧର୍ମରେ ଥିବା ପଛୁଆ (ଦଳିତ) ବର୍ଗଙ୍କୁ ସମାନ ଅଧିକାର ଦେବା। ବାବାସାହେବଙ୍କ ଉଦ୍ଦେଶ୍ୟ ମହାନ ଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ତତ୍କାଳୀନ ସମାଜରେ ପଡ଼ିପାରି ନଥିଲା। ବାବା ସାହେବଙ୍କ ପରେ ବହୁ ପଛୁଆ ଦଳିତ ବର୍ଗର ବ୍ୟକ୍ତି ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବରେ କୌଣସି ପରିବର୍ତ୍ତନ ଆସି ନଥିଲା। ଦୀର୍ଘ ୭୦ବର୍ଷ ପରେ ଏବେ ଯଦି ହିନ୍ଦୁ ସମାଜକୁ ଦେଖିବା, ତେବେ ଆଜି ଅନେକ କ୍ଷେତ୍ରରେ ଦଳିତଙ୍କର ସାମାଜିକ ଉତ୍ଥାନ ହୋଇଛି। ସେମାନେ ସବର୍ଣ୍ଣଙ୍କ ସହିତ ସମାନ କିମ୍ବା କେତେକ ସ୍ଥାନରେ ସେମାନଙ୍କଠାରୁ ଅଧିକ ଭଲ ସ୍ଥିତିରେ ଅଛନ୍ତି।

ବାସ୍ତବରେ ଏପରି କ'ଣ ଆବଶ୍ୟକ ପଡ଼ିଲା ଅଥଚ ଦଶ ହଜାର ପଛୁଆ ବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କଲେ? ଆୟୋଜକମାନଙ୍କ କାର୍ଯ୍ୟକଳାପକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହେଉଛି। ବାବା ସାହେବଙ୍କର ଉଦ୍ଦେଶ୍ୟ ଥିଲା ସମାଜକୁ ଯୋଡ଼ିବା, ପଛୁଆ ବର୍ଗଙ୍କୁ ସମାନ ଅଧିକାର ପ୍ରଦାନ କରବା। କିନ୍ତୁ ସମ୍ପ୍ରତି ଏହି କାର୍ଯ୍ୟକ୍ରମରୁ ଜଣାପଡୁଛି ଏଠାରେ ସମାଜକୁ ଯୋଡ଼ିବା ବଦଳରେ ବିଭାଜନ କରିବାର ଭାବନା ବେଶି। କୌଣସି ବ୍ୟକ୍ତି ଜୈନ, ବୌଦ୍ଧ ଓ ଶିଖ ମତ ଗ୍ରହଣ କଲେ ତାଙ୍କୁ ଧର୍ମ ପରିବର୍ତ୍ତନ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱୀକାର କରେନାହିଁ। ସେମାନଙ୍କ ଉପରେ କୌଣସି ଆପତ୍ତି ଉଠାଏ ନାହିଁ। କାରଣ ବୌଦ୍ଧମତ ହିନ୍ଦୁଧର୍ମର ଏକ ଉପାଙ୍ଗ ରୂପେ ରହିଆସିଛି। ବର୍ତ୍ତମାନ କେନ୍ଦ୍ରରେ ବିଜେପି ସରକାରଙ୍କୁ ଶାସନରୁ ହଟାଇବା ପାଇଁ ହିନ୍ଦୁଧର୍ମରୁ ଜନଜାତି ପଛୁଆବର୍ଗଙ୍କୁ ଅଲଗା କରିବା ତଥା ମୁସଲମାନଙ୍କୁ ଅଗ୍ରାଧିକାର ଦେବା ଭିତ୍ତିରେ କେଜ୍ରିୱାଲ ସରକାର ଯୋଜନା ପ୍ରସ୍ତୁତ କରୁଛି। ଓଡ଼ିଶାର ଧର୍ମାନ୍ତରୀକରଣ ମଧ୍ୟ ଏକ ସ୍ପର୍ଶକାତର ବିଷୟ। ରାଜ୍ୟ ସରକାର ଏ ପ୍ରସଙ୍ଗରେ ଜାଣିଶୁଣି ଯେପରି ଆଖିବୁଜି ଦେଇଛନ୍ତି ତାହା ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ତଥା ସମାଜ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ମୁଖ୍ୟମନ୍ତ୍ରୀ ନିକଟରେ ୟୁରୋପ ଗସ୍ତରେ ଯାଇ ପୋପ୍‌ଙ୍କୁ ଯେପରି ସାକ୍ଷାତ କଲେ ତାହା ଓଡ଼ିଶାକୁ ୟୁରୋପୀକରଣ କରିବାର ପ୍ରାକ୍ ପ୍ରସ୍ତୁତି ବୋଲି ବୁଝିବାକୁ ହେବ। ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ରଖି ଯେତେବେଳେ କାର୍ଯ୍ୟ କରାଯାଏ ସେତେବେଳେ ଧାର୍ମିକ ଆସ୍ଥା କେବଳ ଏକ ବାହାନା ହୋଇଥାଏ। ଦିଲ୍ଲୀର ଆମ୍ବେଦକର ଭବନରେ ଧର୍ମାନ୍ତରୀକରଣ ସମାରୋହ କରାଇଥିବା ବ୍ୟକ୍ତି ରାଜେନ୍ଦ୍ର ପାଲ 'ବୁଦ୍ଧିଷ୍ଟ ସୋସାଇଟ ଅଫ ଇଣ୍ଡିଆ' ଜୟଭୀମ ମିଶନର ରାଷ୍ଟ୍ରୀୟ ସଂରକ୍ଷକ। ଏହି ଜୟଭୀମ ମିଶନ ଓଡ଼ିଶାର ପୁରପଲ୍ଲୀରେ ଥିବା ଜନଜାତି ଅଞ୍ଚଳରେ ମଧ୍ୟ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ଓଡ଼ିଶାବାସୀ ସତର୍କ ରହିବା ଆବଶ୍ୟକ। ଧର୍ମ ପରିବର୍ତ୍ତନ ହୃଦୟ ପରିବର୍ତ୍ତନର ବିଷୟ। ରାଜନୈତିକ ଉଦ୍ଦେଶ୍ୟ ରଖି କାହାର ହୃଦୟକୁ ପରିବର୍ତ୍ତନ କରାଯାଇପାରେ ନାହିଁ। ଦେଶ ଦୁନିଆ ପାଇଁ ଏହା ଚିନ୍ତାର କାରଣ।

**—ଚିତ୍ତରଞ୍ଜନ ମହାପାତ୍ର**
**ଶିମୂଳୀପାଟଣା, ଚନ୍ଦକା, ମୋ- ୯୪୩୯୫୬୧୮୫୪**

## ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ଏକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଧନଞ୍ଜୟ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମହାସଂଘର ଦାବିଗୁଡ଼ିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିବାର ବିଷୟ ସମ୍ପାଦକ ଶ୍ରୀଯୁକ୍ତ ବାବାଜୀ ଚରଣ ବାରିକ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କୁ ସୂଚନା ଦେଇଥିଲେ। ସେତେବେଳର ସରକାରୀ ଦଳର ମୁଖ୍ୟ ସଚେତନ ଶ୍ରୀମତ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଆଗତ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଥିଲା। ବର୍ତ୍ତମାନ ବିଧାନସଭାର ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧକ୍ଷ ଶ୍ରୀଯୁକ୍ତ ଭୂପିନ୍ଦର ସିଂହ ମଧ୍ୟ ଗୃହରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ସରକାରଙ୍କ ଉଦ୍ଦେଶ୍ୟରେ କୌଣସି ବିରୋଧାତ୍ମକ କାର୍ଯ୍ୟ ନ କରି ପୂର୍ଣ୍ଣ ଭରସା ରଖି ତୁରନ୍ତ ବୟସ ଅତିକ୍ରାନ୍ତ ହୋଇଥିବା ସମସ୍ତ ପୁରୁଣା ସି.ଟି./ବି.ଏଡ୍. ଭାଇଭଉଣୀମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ନିଯୁକ୍ତି କରାଯିବାକୁ ସଂଘ ତରଫରୁ ସରକାରଙ୍କ ନିକଟରେ ଦାବି ରଖାଗଲା। ସମସ୍ତ ଅଧିକାରୀଙ୍କ ନିକଟକୁ ସଂଘର ଦାବିପତ୍ରକୁ ତୁରନ୍ତ ପହ ାଇବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଉକ୍ତ ବୈଠକରେ ସଂଘର ଉପ-ସଭାପତି ମୀନକେତନ ମିଶ୍ର, ସହ-ସମ୍ପାଦକ ବିନୟ କୁମାର ମହାପାତ୍ର, କୋଷାଧ୍ୟକ୍ଷ ମନଜା ମଞ୍ଜରୀ ସାହୁ, କଲ୍ୟାଣୀ ସାହୁ, ସୁକାନ୍ତି ନନ୍ଦ, ଗଙ୍ଗାଧର ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ବଂଶୀଧର ପାଣି, ଦର୍ଶନ କୁମାର ବିଦ୍ଧାଣି, ନାରାୟଣ ଚନ୍ଦ୍ର ବାରିକ, ବିଷ୍ଣୁଚରଣ ଦାଶ, ବିଜୟ ନାୟକ, ସୁଦାମ ଚରଣ ଦାସ, ଜ୍ଞାନରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ବଳିଆରସିଂହ, ବ୍ରହ୍ମାନନ୍ଦ ପଣ୍ଡା, ପ୍ରଫୁଲ୍ଲ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ଗଗନ ଚନ୍ଦ୍ର ମିଶ୍ର, ଦିବାକର ପ୍ରଧାନ, ବିଦ୍ୟାଧର ସାହୁ, ଓ ଜଗନ୍ନାଥ ସାହୁ ପ୍ରମୁଖ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଉନ୍ନୁରୁମ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗ ପରିସରରେ କଳା, ସାହିତ୍ୟ ଓ ସଂସ୍କୃତିର ମହାର୍ଘ୍ୟ ପର୍ବ ଉନ୍ନୁରୁମ ଆନ୍ତର୍ଜାତିକ ଉତ୍ସବ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ୟଙ୍ଗହାର୍ଟ ମିଳିତ ସହଯୋଗରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁଳପତି ସନ୍ତୋଶ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ସ୍ତରର ଅତିଥି ମାନେ ଯୋଗ ଦେଇଥିବା ବେଳେ ପଦ୍ମଶ୍ରୀ ଇଲିଆନ ସିତାରିଷ୍ଟ, ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଙ୍କୁମିନା ଦାସ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଶୈଳେନ୍ଦ୍ର ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲରେ ନିଜସ୍ୱ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବିକ୍ରି ଏବଂ ବିଭିନ୍ନ ପ୍ରକାରର ଓଡ଼ିଆ ଘରର ପରମ୍ପରା ଅନୁସାରେ ଖାଦ୍ୟ, ପ୍ରଦର୍ଶନୀ ଏବଂ ବିକ୍ରି କରାଯାଇଥିଲା। ଶେଷରେ ଆମ ପରମ୍ପରାର ସଭାପତି ଶ୍ରୀଯୁକ୍ତ ବିକର୍ତନ ନାୟକ ଜଗନ୍ନାଥଙ୍କ ଭଜନ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକୃତି କୋଳରେ ସ୍ନାନର ଅନୁଭବ : ଫରେଷ୍ଟ ବାଥିଂ

ବର୍ତ୍ତମାନର ସମୟକୁ ଦେଖିଲେ ଅନେକ ବ୍ୟସ୍ତବହୁଳ ଜୀବନ ଭିତରେ ଶରୀରର ସୁସ୍ଥତାକୁ ଗୁରୁତ୍ୱ ଦେଇନଥାନ୍ତି କିନ୍ତୁ ପରବର୍ତ୍ତୀ ଯନ୍ତ୍ରଣାସିକ୍ତ ସମୟରେ ସେମାନଙ୍କୁ ଏହା ଅନୁଭବୀ କରିଥାଏ ଯେ ବାସ୍ତବରେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆବହମାନ ସମୟରୁ ଆମ୍ଭେମାନେ ପ୍ରକୃତି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ। ମାଟି, ପାଣି ଓ ପବନରେ ଗଢ଼ା ଆମ ଏହି ସ୍ଥୂଳ ଶରୀର ଏବଂ ପ୍ରତିଟି ମଣିଷର ଶରୀର ତତ୍ତ୍ୱରେ ଏହି ତିନୋଟି ଉପାଦାନର ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଉପଲବ୍ଧି ରହିଛି। ବର୍ତ୍ତମାନର ବସ୍ତୁସର୍ବସ୍ୱ ଓ ବୃତ୍ତିଗତ କ୍ଷେତ୍ରକୁ ନେଇ ଧାଁ ଧଉଡ ଜୀବନ ଭିତରେ ସମସ୍ତେ ଅନେକ ସମୟରେ କ୍ଳାନ୍ତ ବା ଶରୀରର ଅବସନ୍ନକୁ ଅନୁଭବ କରନ୍ତି। ସେମାନେ କିଛି ବିଶ୍ରାମ ଚାହିଁଥାନ୍ତି କିନ୍ତୁ ସେମାନଙ୍କ ବିଶ୍ରାମ ପରୋକ୍ଷ ଭାବେ ସେମାନଙ୍କର କାର୍ଯ୍ୟ ବ୍ୟସ୍ତତା ଭିତରେ ବାଧା ପହଞ୍ଚାଇଥାଏ। କିନ୍ତୁ ବାସ୍ତବ କଥା ହେଉଛି ଶରୀର ରଖି ହିଁ ଜୀବନ ଧର୍ମ ସାଧନ କରିବା କଥା ଯାହାକି ଅନେକ ସମୟରେ ଆମେ ଜାଣି ମଧ୍ୟ ଏହାକୁ କାର୍ଯ୍ୟରେ ପରିଣତ କରିନଥାଉ। ସୁସ୍ଥ ରହିବା ପାଇଁ ମଣିଷ ଯୋଗ, ବ୍ୟାୟାମ ଠାରୁ ସୁଷମ ତଥା ସନ୍ତୁଳିତ ଖାଦ୍ୟ ଖାଇବା ଯାଏ କ'ଣ ନକରେ। କିଛି ଲୋକ ଶରୀରକୁ ସତେଜ ରଖିବା ପାଇଁ କେତେବେଳେ ଷ୍ଟିମ ବାଥ, ମଡ଼ ବାଥ ଭଳି ପଦ୍ଧତି ଆପଣେଇଥାଆନ୍ତି। କିନ୍ତୁ ଫରେଷ୍ଟ ବାଥ। ମାନେ ଝରଣାରେ ଗାଧୋଇ ପଡ଼ିଲେ ତାହା ଜଙ୍ଗଲ ସ୍ନାନ ସହିତ ସମାନ ହୋଇଯିବ। କିନ୍ତୁ ଏହି ଧାରଣା ବି ଠିକ ନୁହେଁ। ଜଙ୍ଗଲ ସ୍ନାନ ହେଉଛି ଏକ ନିର୍ଦ୍ଦିଷ୍ଟ ପଦ୍ଧତି। ଜୀବନକୁ ଚାପମୁକ୍ତ, ସ୍ୱାସ୍ଥ୍ୟକର ତଥା ସୁଖଦ କରିବା ପାଇଁ ଜାପାନିମାନେ ପ୍ରଥମେ ଜଙ୍ଗଲ ସ୍ନାନ ପଦ୍ଧତି ଆରମ୍ଭ କରିଥିଲେ। ଏଥିରେ ଅତ୍ୟଧିକ ୱାର୍କଆଉଟ କରିବାକୁ ପଡ଼ିବ ନାହିଁ, ଜିମ୍ ଯିବାକୁ ହେବ ନାହିଁ। ତଥାପି ଜୀବନକୁ ସହଜ ଓ ସୁନ୍ଦର କରାଯାଇପାରିବ। ଜଙ୍ଗଲ ସ୍ନାନ କହିଲେ ଘଞ୍ଚ ଜଙ୍ଗଲର ଗାଢ଼ ସବୁଜିମା ମଧ୍ୟରେ କିଛି ଘଣ୍ଟା ଶାନ୍ତିରେ ଚଲାବୁଲା କରିବା।

ଅନେକ ହୁଏତ ଜାଣିନଥାନ୍ତି ସାରା ବିଶ୍ୱରେ ପ୍ରଥମ ଥର ପାଇଁ ଜାପାନି ବିଶେଷଜ୍ଞମାନେ ଫରେଷ୍ଟ ବାଥିଂ ବା ଜଙ୍ଗଲ ସ୍ନାନର ଧାରଣା ସୃଷ୍ଟି କରିଥିଲେ। ଜାପାନର ସୀମା ଅତିକ୍ରମ କରି ଏବେ ଏହି ପଦ୍ଧତି ଅନ୍ୟାନ୍ୟ ଦେଶକୁ ପ୍ରସରି ଗଲାଣି। ଜଙ୍ଗଲ ସ୍ନାନ ଟ୍ରେକିଂ ବା ହାଇକିଂ ସହିତ ସମାନ ନୁହେଁ। ଜାପାନରେ ଏହି ପଦ୍ଧତିକୁ ଶିନ୍ରିନ ୟୋକୁ କୁହାଯାଏ। ଜାପାନି ବିଶେଷଜ୍ଞମାନଙ୍କ ଅନୁସାରେ ଜଙ୍ଗଲ ମଧ୍ୟର ହାଲୁକା ଚଲାବୁଲା କରିବା ଦ୍ୱାରା ଥକ୍କାପଣ, ଅବସାଦଜନିତ ଦୁର୍ବଳତା ଆଦି ଦୂରେଇଥାଏ। ତେବେ ଜଙ୍ଗଲ ସ୍ନାନ ସମୟରେ ଗପିବା, ମୋବାଇଲ ଦେଖିବା ଆଦିରୁ ବିରତ ରହିବାକୁ ପଡ଼ିବ। ଜଙ୍ଗଲ ଭିତରର ପରିବେଶ ବିଶୁଦ୍ଧ। ସେହି ପରିବେଶରେ କିଛି ସମୟ ଚଲାବୁଲା କଲେ ଶରୀର ମଧ୍ୟକୁ ଶୁଦ୍ଧ ଅମ୍ଳଜାନ ଯାଇଥାଏ। ମନ ଭିତରୁ ନକାରାତ୍ମକ ଭାବନା ଆପେ ଆପେ ଦୂରେଇ ଯାଇଥାଏ। ଜଙ୍ଗଲ ସ୍ନାନକୁ ନେଇ ଏହା ମଧ୍ୟରେ ବେଶ କେତୋଟି ଅଧ୍ୟୟନ ହୋଇସାରିଛି। ପ୍ରାୟ ସବୁ ଅଧ୍ୟୟନରେ ସମାନ ନିର୍ଯ୍ୟାସ ଦେଖିବାକୁ ମିଳିଛି ଯେ ଏହି ପଦ୍ଧତି ଆପଣେଇଥିବା ଲୋକଙ୍କ ମଧ୍ୟରେ ରକ୍ତଚାପ, ହୃଦଘାତ, ମଧୁମେହ, ମାନସିକ ଚାପ ଭଳି ସମସ୍ୟା ଅନେକାଂଶରେ କମିଯାଇଛି। ଉପରୋକ୍ତ ଫରେଷ୍ଟ ବାଥିଂ ନିଶ୍ଚିନ୍ତ ଭାବେ ଶରୀରକୁ ଉପଷମ ଦେବ। ପ୍ରକୃତି କୋଳରେ କିଛି ମୁହୂର୍ତ୍ତ ବିତାଇ ବିଶୁଦ୍ଧ ଅମ୍ଳଜାନ ଶରୀର ଭିତରକୁ ନେବା ସହ ଶାନ୍ତି, ସ୍ନିଗ୍ଧ ଅମୃତମୟ ପରିବେଶ ଆମ୍ଭ ମାନଙ୍କ ସ୍ୱାସ୍ଥ୍ୟ ଜୀବନଚର୍ଯ୍ୟାକୁ ଏକ ଦିବ୍ୟ ଆନନ୍ଦରେ ପରିଣତ କରିପାରିବ। ଏ କ୍ଷେତ୍ରରେ ଆମ୍ଭମାନଙ୍କର ମାନସିକତା ସର୍ବାଦୌ ପ୍ରାଥମିକତା। କାରଣ ଆମେ ଇଚ୍ଛା ନକଲେ ଏ ଆନନ୍ଦ ପାଇ ପାରିବା ନାହିଁ ଯାହାପାଖରେ ଅର୍ଥ, ପ୍ରତିପତ୍ତି, କ୍ଷମତା, ବାହୁବଳ କିଛି ହିଁ ନୁହେଁ। ସ୍ୱାସ୍ଥ୍ୟ ଯେ ଶ୍ରେଷ୍ଠ ସମ୍ପଦ ଏବଂ ନିରୋଳା ଶାନ୍ତ ପରିବେଶ ଭିତରେ ଆମ୍ଭେମାନେ କିପରି ଯେ ଅଶାନ୍ତମୟ ଜୀବନକୁ ଅତିବାହିତ କରୁଛେ ତାର ବଡ଼ ପ୍ରମାଣ ଏହି ଫରେଷ୍ଟ ବାଥିଂ ହିଁ ଦେଇଥାଏ। ଜୀବନରେ କେବେ ସୁଯୋଗ ପାଇଲେ ଏପରି ଦିବ୍ୟ ଆନନ୍ଦକୁ ହାତଛଡ଼ା କରନ୍ତୁନାହିଁ।

## ଜିଲ୍ଲାସ୍ତରୀୟ "ସମ୍ବିଧାନ ଦିବସ" ପାଳନ ଅବସରରେ ମୁଖବନ୍ଧ ପାଠ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖରେ ଭାରତବର୍ଷ ନିଜକୁ ଦେଇଥିଲା ଏହାର ସମ୍ବିଧାନ। ଭାରତ ସମ୍ବିଧାନର ପିତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ ସଭାରେ ଗୃହୀତ ହେବା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଆମ ସମ୍ବିଧାନ ଅଙ୍ଗୀକୃତ, ଅଧିନିୟମିତ ତଥା ଆତ୍ମାର୍ପିତ ହୋଇଥିଲା। ଏହି ନଭେମ୍ବର ୨୬ ତାରିଖ ଦିନଟିକୁ ଭାରତବର୍ଷର ସମ୍ବିଧାନ ଦିବସ ରୂପେ ପାଳନ କରାଯାଇଆସୁଅଛି। ଆମ ରାଜ୍ୟରେ ଏହା ବିଭିନ୍ନ ସରକାରୀ ତଥା ବେସରକାରୀ ସ୍ତରରେ ଭିନ୍ନ ଭିନ୍ନ ଅନୁଷ୍ଠାନର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି। ଆମ ସମ୍ବିଧାନର ପ୍ରାରମ୍ଭରେ ଏହାର ମୁଖବନ୍ଧ ସ୍ଥାନିତ ହୋଇଅଛି ଯାହାକୁ ସମ୍ବିଧାନର ଆତ୍ମା କୁହାଯାଇଥାଏ। ସମ୍ବିଧାନ ଦିବସ ପାଳନର ଏକ ମୁଖ୍ୟ ଅଂଶ ହେଉଛି ସମସ୍ତ ନାଗରିକଙ୍କ ଦ୍ୱାରା ମୁଖବନ୍ଧ ପାଠ। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କୁ ନେଇ ଏହି ମୁଖବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ଶ୍ରୀ ସିତାଂଶୁ ଦାସ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଆଶୀଷ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଅବକାରୀ ଅଧକ୍ଷକ ଓ ଅନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି ମୁଖବନ୍ଧ ପାଠରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ ଏବଂ ତତ୍ ପରେ ଅତିରିକ୍ତ ଜିଲ୍ଲପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ।

## ଗାନ୍ଧୀଙ୍କ ପ୍ରାସଙ୍ଗିକତା ସର୍ବଦା ରହିଛି



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଶହୀଦନଗର କାର୍ଯ୍ୟାଳୟଠାରେ ସାମାଜିକ ବୌଦ୍ଧିକ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଚିନ୍ତାଧାରାକୁ ନେଇ ଗଠିତ ଅନୁଷ୍ଠାନ "ହର ଦିଲମେଁ ଗାନ୍ଧୀ"ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଙ୍କ ଆଦର୍ଶ, ଚିନ୍ତାଧାରାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହ ାଇବା ତଥା ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ଏକତ୍ର କରି ଗାନ୍ଧୀଙ୍କ ଚିନ୍ତାଧାରା, କାର୍ଯ୍ୟ, ମୂଲ୍ୟବୋଧ ତଥା ଦେଶପ୍ରେମର ଅର୍ଗ୍ନି ସମାଜରେ ପରିବ୍ୟାପ୍ତ କରିବା ଲକ୍ଷ୍ୟକୁ ନେଇ ଉକ୍ତ ବୈଠକ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ଆବାହକ, ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଗାନ୍ଧିବାଦୀ ବିଜୟ ତ୍ରିପାଠୀ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ନାରାୟଣ ସେବା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା, ସଂଗ୍ରାମୀ ଦାୟାଦ ରାଜକୁମାର ଜେନା ଯୋଗଦେଇ ଗାନ୍ଧୀଙ୍କ ନୀତି, ଆଦର୍ଶ ଯୁଗେଯୁଗେ ରହିଛି ଓ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଶରତ ଚନ୍ଦ୍ର ପ୍ରଧାନ।

### ନୀଳଗିରି ଅ ଳରୁ ବ୍ରାଉନସୁଗାର ଜବତ

ବାଲେଶ୍ୱର (ପିଏନ୍)-ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ଅ ଳରୁ ବ୍ରାଉନ ସୁଗାର ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୨୪୨ ଗ୍ରାମ ଧଳା ଜହର ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣଙ୍କ ହେଲେ ସନ୍ତରାଗଡ଼ିଆ ନିକଟ ଯୁକ ଗାଡ଼ିଆ ଅ ଳର ପର୍ଶୁରାମ ପାଣିଗ୍ରାହୀ। ଏବେ କିଛିଦିନ ହେଲା ପର୍ଶୁରାମ ଗାଁରେ ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲା। ତେବେ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୫ ହଜାର ଟଙ୍କା ନଗଦ ଜବତ ସହ ୨୪ ଲକ୍ଷ ୨୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି।

## ଇଫ୍‌କୋ ପକ୍ଷରୁ ଗୋମଙ୍ଗଳ ସମିତିକୁ ଗୋଖାଦ୍ୟ ପ୍ରଦାନ



ପାରାଦୀପ (ପିଏନ୍)-କେନ୍ଦ୍ରାପଡାରେ ଥିବା ଶ୍ରୀଶ୍ରୀ ସିଦ୍ଧବଳଦେବ ଜିଉ ଗୋମଙ୍ଗଳ ସମିତିକୁ ପାରାଦୀପ ଇଫକୋ ପକ୍ଷରୁ ଗୋଖାଦ୍ୟ ପ୍ରଦାନ କରାଯାଇଛି। ଏହି ଗୋମଙ୍ଗଳ ସମିତିରେ ୬୦ରୁ ଉର୍ଦ୍ଧ୍ୱ ଗାଇଗୋରୁ ରହୁଥିବା ବେଳେ ଆର୍ଥିକ ସଂକଟ ଯୋଗୁଁ ସେମାନଙ୍କୁ ସଠିକ ଭାବେ ଗୋଖାଦ୍ୟ ଯୋଗାଯାଇପାରୁ ନଥିବାରୁ ସମିତି ପକ୍ଷରୁ ଇଫକୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ କେ.ଜେ. ପଟେଲଙ୍କୁ ସହଯୋଗ ନିମନ୍ତେ ଅନୁରୋଧ କରାଯାଇଥିଲା। ଏହି ମର୍ମରେ ଇଫକୋ କର୍ତ୍ତୃପକ୍ଷ ତୁରନ୍ତ ଦୁଇ ଟନରୁ ଉର୍ଦ୍ଧ୍ୱ ଗୋଖାଦ୍ୟ ସାମଗ୍ରୀ ଏହି ଗୋମଙ୍ଗଳ ସମିତିକୁ ପ୍ରଦାନ କରିଥିଲେ। ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରଶନ୍ନ କୁମାର ବେଉରାଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଁଚି ସମିତିର ସଭାପତି ଫକିର ଚରଣ ଖଟୁଆ, ସମ୍ପାଦକ ସୁଶିଲ କୁମାର ସାମଲ ଏବଂ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପ୍ରଦାନ କରିଥିଲେ। ସୂଚନା ଥାଉକି, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ଓଡିଶାର ବିଭିନ୍ନ ସ୍ଥାନରେ ଇଫକୋ ପକ୍ଷରୁ ଏଭଳି ଜନମଙ୍ଗଳକାରୀ କାର୍ଯ୍ୟ ଜାରୀ ରହିଛି ବୋଲି ଶ୍ରୀ ବେଉରା କହିଛନ୍ତି।

## ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶୋକ

ଯାଜପୁର (ପିଏନ୍): ସାହିତ୍ୟିକ ତଥା ଗବେଷକ ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶ୍ରୀ ବିରଜା ସେବାସମିତି ପକ୍ଷରୁ ଶୋକ ପ୍ରକାଶ କରାଯାଇଅଛି। ସ୍ୱର୍ଗତ ପାଢ଼ୀ ଶିକ୍ଷକତା ସହିତ ବହୁ ପୁସ୍ତକ ରଚନା କରିଥିଲେ ଓ କେତେକ ଐତିହାସିକ ସମ୍ପର୍କରେ ଗବେଷଣାରେ ବୁଡ଼ି ରହିଥିଲେ। ସେ ବହୁ ସ୍ଥାନରେ ସମ୍ବର୍ଦ୍ଧିତ ହୋଇଥିଲେ। ଶ୍ରୀ ବିରଜା ମନ୍ଦିର ପଣ୍ଡିତ ସଭାର ସେ ଜଣେ ସକ୍ରିୟ ବାହ୍ମଣ ଥିଲେ। ଶ୍ରୀ ବିରଜା ସେବା ସମିତି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ପାଢ଼ୀ ଥିଲେ ଜଣେ ସରଳ, ଅମାୟିକ ଓ ସ୍ପଷ୍ଟବାଦୀ। ଏଣୁ ବିରଜା ସେବା ସମିତି ପକ୍ଷରୁ ସଭାପତି ବିଶ୍ୱମ୍ଭର ମିଶ୍ର, ସମ୍ପାଦକ ସମାଜସେବୀ ପାଣ୍ଡବ ସାହୁ, ଉପସଭାପତି ପ୍ରମୋଦ ଦ୍ୱିବେଦୀ ଓ ଶିବପ୍ରସାଦ ବଳ, କର୍ମକର୍ତ୍ତା ବନବିହାରୀ ମହାପାତ୍ର, ଗଦାଧର ରାଉତ, କ୍ଷୀରୋଦ ପାଠୀ, ବୃନ୍ଦାବନ ମିଶ୍ର, ଅଧିକାରୀ ନବକିଶୋର ଦାସ, ସୁବାସ ମହାନ୍ତି, ସୁବାସ ମହାପାତ୍ର, ବ୍ରଜକିଶୋର ମହାନ୍ତି, ମହେନ୍ଦ୍ର କୁମାର ଦାସ, ଗିରିଧାରୀ ସ୍ୱାଇଁ, ରମେଶ ଚନ୍ଦ୍ର ରାଉତ, ହରିହର ବେହେରା, ବିରଜା ପ୍ରସାଦ କର, ମଧୁସୂଦନ ମହାନ୍ତି, ଶ୍ରୀନାଥ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

## ପାରାଦୀପ ବନ୍ଦର ଏସସି/ଏସଟି ଆସୋସିଏସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ



ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ଏସସି/ଏସଟି ୱେଲଫେୟାର ଆସୋସିଏସନ ପକ୍ଷରୁ ପାରାଦୀପସ୍ଥିତ ଡଃ. ବି.ଆର. ଆମ୍ବେଦକର ପାର୍କ ପରିସରରେ ୧୬୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆସୋସିଏସନ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଭାରତରତ୍ନ ଡଃ. ବି.ଆର. ଆମ୍ବେଦରଙ୍କ ପ୍ରତିମୂର୍ତ୍ତିରେ ସାଧାରଣ ସମ୍ପାଦକ ଧୃନଚନ୍ଦ୍ର ତରାଇ, ସହସମ୍ପାଦକ ଅଜୟ କୁମାର ବେହେରା, ବନ୍ଦରର ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ବର୍ତମାନର ଟ୍ରଷ୍ଟି ସୁନିଲକାନ୍ତ ଦାସ, ଲିତାରାମ ହାଇବ୍ରୁ, ବିପ୍ଳବ କୁମାର ଜେନା, ମହେଶ୍ୱର ସୋରେନଙ୍କ ସମେତ ଅନ୍ୟ ବହୁ ସଦସ୍ୟମାନେ ମାଲ୍ୟାର୍ପଣ କରି ସମ୍ବିଧାନ ଦିବସ ପାଳନ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
your gateway to complete education
PRE-NURSERY, NURSERY, L.KG., U.KG., Std-1 to Std-VIII
Email : maharishipublicschool@yahoo.com
Web : www.maharishipublicschool.com




# ‘କାଗଜ ଗୁଡି’ର ଶୁଭମହୁରତ୍

ଭୁବନଶ୍ୱେର,(ପିଏନ): ସୁମିତ୍ରା ଏଂଟରଟେନ୍‌ମେଂଟ୍ ନିବେଦିତ ଓଡିଆ ଚଳଚ୍ଚିତ୍ର ‘ମନ ମୋର କାଗଜଗୁଡି’ର ମହୁରତ ହୋଇଯାଇଛି। ନିକୋପାର୍କ ନିକଟସ୍ଥ ସୁନାଦେଇ ମନ୍ଦିରରେ ଆୟୋଜିତ ଏହି ମହୁରତ ଉତ୍ସବରେ ମାନ୍ୟବର ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ମହୁରତ କ୍ଲାପ ଦେଇ ଚଳଚ୍ଚିତ୍ରର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ସହିତ ଟାଇଟଲ୍ ଉନ୍ମୋଚିତ କରିଥିଲେ। ରାକେଶ ଓ ଭୂମିକାଙ୍କ ଅଭିନୀତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଡିରେକ୍ଟର ଦେବଜ୍ୟୋତି ପାତ୍ର (ଦୀପୁ)। ଯଦିଓ ନିର୍ଦ୍ଦେଶକ ଭାବେ ଏହା ତାଙ୍କର ପ୍ରଥମ ସିନେମା ହେବ ତେବେ ଷାଠିଏରୁ ଉର୍ଦ୍ଧ୍ୱ ସିନେମାର ସେ ଚିଫ୍ ଭାଇ। ଗୀତରଚନା କରିଛନ୍ତି ବସନ୍ତରାଜ ସାମଲ ଓ ସୁବ୍ରତ ସ୍ୱାଇଁ। ଦିବ୍ୟସିଂହ ରାୟଙ୍କ ରଚିତ କାହାଣୀରେ ସଂଳାପ ଦେଇଛନ୍ତି ମାନସ ପଡିଆରୀ। ସୋମିଓ ସିନେମାଟୋଗ୍ରାଫର ଥିବାବେଳେ ମୁଖ୍ୟ ସହକାରୀ ନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକ ଅଛନ୍ତି ସ୍ୱାଗତ ପାତ୍ର ଏବଂ ଜୁନିୟର ସିଦ୍ଧାନ୍ତ। ମେକ୍ ଅପ୍‌ରେ ରାଜୁ, କେଶବିନ୍ୟାସରେ ତୁଳସୀ ଓ କଳାରେ ନବଘନ ଦଳେଇ ଥିବାବେଳେ ବ୍ୟବସ୍ଥାପନାରେ ଅଛନ୍ତି ସର୍ବେଶ୍ୱର ସୂତାର। ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱ ବହନ କରିଛନ୍ତି ‘ବେଷ୍ଟ ଆଇଡିଆଜ୍’। ‘ମନ ମୋର କାଗଜ ଗୁଡି’ ଶୀର୍ଷକରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ସମ୍ପୂର୍ଣ୍ଣ ଭିନ୍ନ ଧରଣର। ଓଡିଆ ଚଳଚ୍ଚିତ୍ର ଶିକାର ହୋଇ ଯୁବ ପିଢି କିପରି ଅବାଟରେ ପାଦ ରଖୁଛନ୍ତି ଓ ନିଶା କବଳରେ କବଳିତ ହେଉଛନ୍ତି, ତାର ନଜିର ରହିଛି ଏଥିରେ। ବାଟବଣା ଯୁବ ବର୍ଗଙ୍କୁ ବାଟକୁ ଆଣିବାକୁ ସୁମିତ୍ରା ଏଂଟରଟେନ୍ ମେଂଟ୍‌ର ଏ ପ୍ରୟାସ। କାହାଣୀରେ ମନୋରଞ୍ଜନର ଭରପୂର ମସଲା ରହିଛି। ସବୁ ବର୍ଗର ଦର୍ଶକଙ୍କୁ ଏହା ପସନ୍ଦ ଆସିବ। ଏହା ଏକ ବ୍ୟୟବହୁଳ ଛବି ହୋଇଥିବା ବେଳେ ଗୀତଗୁଡିକ ବାହାର ଲୋକେସନରେ ସୁଟିଂ କରାଯିବାର ଯୋଜନା ରହିଛି। ସିନେମା ପାଇଁ କେବଳ ସିନେମା ନୁହେଁ। କରୋନା ଯୋଗୁ ଠପ୍ ହୋଇଯାଇଛି ସିନେମା ଶିଳ୍ପ। କଳାକାର ଓ ଟେକ୍ନିସିଆନଙ୍କ ହାତରେ ପ୍ରାୟତଃ କାମ ନାହିଁ। ନାହିଁ ନଥିବା




ଏସୋସିଏଟ୍ ଡିରେକ୍ଟର ଭାବେ କାମ କରିସାରିଛନ୍ତି। ନାୟକ ନାୟିକା ଭାବେ ନଜର ଆସିବେ ୟଙ୍ଗ୍ ସେନ୍‌ସେସନ ରାକେଶ ଓ ଭୂମିକା। ରାକେଶ ଓ ଭୂମିକା ଯୋଡିର ଏହା ପ୍ରଥମ ଚଳଚ୍ଚିତ୍ର। ଅନ୍ୟାନ୍ୟ ଭୂମିକାରେ ପ୍ରୀତିରାଜ ଶତପଥୀ, ଐଶ୍ୱର୍ଯ୍ୟା ବେହେରା, ମମତା ଦାଶ, ବୀରେନ୍ ମିଶ୍ର, ଗୁଡୁ, ଜ୍ଞାନ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଯୁବ ଉଦ୍ୟୋଗୀ ଶିବିର ପରିଡା ଓ ଲକ୍ଷ୍ମୀପ୍ରିୟା ପରିଡାଙ୍କ ପ୍ରଯୋଜନାରେ ନିର୍ମିତ ‘ମନ ମୋର କାଗଜ ଗୁଡି’ର ସହ ପ୍ରଯୋଜକ ଅଛନ୍ତି ବିବେକାନନ୍ଦ ବାରିକ ଓ ପାର୍ବତୀ ବାରିକ। ସଙ୍ଗୀତ ଦେଇଛନ୍ତି ଜାପାନୀ ଶୀର୍ଷକରେ ଇଂରାଜୀ ଓ ହିନ୍ଦୀ ଶବ୍ଦର ବ୍ୟବହାରକୁ ନେଇ ଦର୍ଶକ ଓ ସମାଲୋଚକମାନେ ପ୍ରଶ୍ନ ଉଠାଇ ଆସିଛନ୍ତି। ସେ ଦୃଷ୍ଟିରୁ ଏହାର ଶୀର୍ଷକ ନିଆରା। ଏହା ଏମିତି ଏକ ଶୀର୍ଷକ ଯେଉଁଥିରେ ଓଡିଆତ୍ୱ ରହିଛି, ରହିଛି ଆପଣାପଣ। ଯେମିତି ମିଠା ସେମିତି ମନଛୁଆଁ। ଶୀର୍ଷକରୁ ହିଁ ଦର୍ଶକ ଅନୁମାନ କରିପାରିବେ ଯେ ଏହା ଏକ ମୌଳିକ କାହାଣୀ। କୌଣସି ସିନେମାର କପି ନୁହେଁ କି ଏଥିରେ କୌଣସି ସିନେମାର ଛାପ ନାହିଁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମ୍ପ୍ରତିକ ସମସ୍ୟା ଉପରେ ଏହା ଆଧାରିତ। ବିଭିନ୍ନ ପ୍ରକାର ଚାପର ଅସୁବିଧା ଭୋଗୁଛନ୍ତି ସମସ୍ତେ। ଏଣୁ ସୁମିତ୍ରା ଏଂଟରଟେନ୍‌ମେଂଟ୍ ପକ୍ଷରୁ କଳାକାର ଓ ଟେକ୍ନିସିଆନ୍‌ମାନଙ୍କୁ କାମ ଯୋଗାଇଦେବା ଉଦ୍ଦେଶ୍ୟ ନେଇ ଏହି ଚଳଚ୍ଚିତ୍ରର ଯୋଜନା କରାଯାଇଛି ବୋଲି ସ୍ପଷ୍ଟ କରିଛନ୍ତି ପ୍ରଯୋଜକ ଶିବିର କୁମାର ପରିଡା। ମହୁରତ ଉତ୍ସବରେ ଏହାର ସମସ୍ତ କଳାକାର ଓ ଟେକ୍ନିସିଆନଙ୍କ ସମେତ ଓଲିଉଡର ସହ ସମ୍ପୃକ୍ତ ବହୁ ନାମୀଦାମୀ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ନଭେମ୍ବର ୧୩ ତାରିଖରେ ‘ମନମୋର କାଗଜଗୁଡି’ ଫ୍ଲୋରକୁ ଆସିବ ବୋଲି ସୂଚନା ରହିଛି।

# ସ୍ୱାମୀ ଶୈଳେନ୍ଦ୍ର ସରସ୍ୱତୀଙ୍କ ଓଡ଼ିଶା ଆଗମନ









ଭୁବନେଶ୍ୱର,(ପି.ଏନ): ମହର୍ଷି ମହେଶ ଯୋଗୀଙ୍କ ପ୍ରମୁଖ ଶିଷ୍ୟ ତଥା ବେଦିକ ଫାଉଣ୍ଡେସନର ପ୍ରତିଷ୍ଠାତା ସ୍ୱାମୀ ଶୈଳେନ୍ଦ୍ର ସରସ୍ୱତୀ ଫେବୃଆରୀ ୨୨ ରୁ ୨୫ ତାରିଖ ପର୍ଯ୍ୟନ୍ତ ପୁରୀସ୍ଥିତ ହୋଟେଲ ଷ୍ଟର୍ଲିଙ୍ଗ ରିସର୍ଟରେ ୧୯୭୭ ବ୍ୟାଚ ଆଇଆଇଏମ୍ ଅହମ୍ମଦାବାଦ ଆଲୁମିନିମାନଙ୍କ ଏକ କାର୍ଯ୍ୟକ୍ରମରେ ଧ୍ୟାନଯୋଗ ସମ୍ପର୍କିତ ଆଲୋଚନାଚକ୍ରରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ସ୍ୱାମୀ ଶୈଳେନ୍ଦ୍ର ସରସ୍ୱତୀ ଓରଫ ଶୈଳେନ୍ଦ୍ର ବିକ୍ରମ ସିଂ ଗେହଲୋଟ ୧୯୭୭ ବ୍ୟାଚ ଆଇଆଇଏମ୍ ଅହମ୍ମଦାବାଦର ଛାତ୍ର ଥିଲେ। ଫେବୃଆରୀ ୨୫ ତାରିଖ ଦିନ ମହର୍ଷି ମହେଶ ଯୋଗୀଙ୍କ ଅନ୍ୟତମ ପ୍ରମୁଖ ଶିଷ୍ୟ ମହର୍ଷି ପବ୍ଲିକ ସ୍କୁଲ ସମୂହ ତଥା ବେଦିକ୍ ଇ ରନ୍ୟାସନାଲ ଫାଉଣ୍ଡେସନର ଅଧ୍ୟକ୍ଷ ଡକ୍ଟର ପବିତ୍ରମୋହନ ସାମନ୍ତରାୟଙ୍କ ନିମନ୍ତ୍ରଣକ୍ରମେ ଭୁବନେଶ୍ୱର ତଥା ଓଡ଼ିଶାର କିଛି ବ୍ୟକ୍ତି ବିଶେଷଙ୍କ ସହ ଧ୍ୟାନ ଯୋଗ ବିଷୟରେ ଆଲୋଚନା କରିଥିଲେ। ମହର୍ଷିଙ୍କ ଅନ୍ୟତମ ପ୍ରମୁଖ ଶିଷ୍ୟ ତଥା ଭୁବନେଶ୍ୱର ପୂର୍ବତନ ସାଂସଦ ପ୍ରଫେସର ଡକ୍ଟର ପ୍ରସନ୍ନ ପାଟ୍ଟଶାଣୀ, ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ, ପୂର୍ବତନ ପୋଲିସ ଅତିରିକ୍ତ ମହା ନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ, ପୂର୍ବତନ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଡିନ୍ ପ୍ରଫେସର ନିରଞ୍ଜନ ବାରିକ, ବିଶିଷ୍ଟ କବି ରଶ୍ମି ରାଉଳ, ଜେହୋବା ଗ୍ରୁପ୍‌ର ମୁଖ୍ୟ ନୃସିଂହ ନାଥ ନନ୍ଦ, ସୂଚନା ଟି.ଭି. ମୁଖ୍ୟ ବିଜୟ ଦାସ, ଭବ୍ୟବତୀ ଆଧ୍ୟାତ୍ମିକ ଚ୍ୟାନେଲର ମୁଖ୍ୟ ଦୀପକ ପରିଡ଼ା, କଳିଙ୍ଗ କ୍ରୋନିକିଲ୍ ପ୍ରତିନିଧି ପ୍ରିୟବ୍ରତ ନାୟକ, ପର୍ଯ୍ୟବେକ୍ଷକ ପ୍ରତିନିଧି ଦେବପ୍ରସାଦ ମହାନ୍ତି , ସମାଜସେବୀ ବିନୋଦ ପାଣି, ଆଇଟି ବିଶେଷଜ୍ଞ ସୁଲଗ୍ନା ସୁଚରିତା ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ସ୍ୱାମୀଜୀଙ୍କୁ ଦର୍ଶନ କରିଥିଲେ। ମହର୍ଷି ପବ୍ଲିକ ସ୍କୁଲର ନିର୍ଦ୍ଦେଶିକା ଶ୍ରୀମତୀ ହେନା ମହାପାତ୍ର ଙ୍କ ତ ୍ୱାବଧାନରେ ସ୍ୱାମୀଜୀଙ୍କ ଏକଦିବସୀୟ ଭୁବନେଶ୍ୱର ପ୍ରବାସ କାର୍ଯ୍ୟକ୍ରମରେ ବ୍ୟକ୍ତିଗତ ସଚିବ ଶକ୍ତି ଆୟାର ସହଯୋଗ କରିଥିଲେ। ସ୍ୱାମୀଜୀ ଫେବୃଆରୀ ୨୬ ତାରିଖ ଦିନ ଦିଲ୍ଲୀ ପ୍ରତ୍ୟାବ ର୍ନ କରିଥିଲେ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ। ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା। ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ। ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା। ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି। ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟ୍ଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି। ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତ୍ତକତାର ବାର୍ତ୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ “ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା”ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ। ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି।ଏହାର ସମାଧାନ ଆମ ନିଜ ପାଖରେ ଅଛି।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି। ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷୀରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି। କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି। ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ-୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି। ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ନେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି। ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି। ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ। ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି। ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି। ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
Bhubaneswar Tuesday March 4 ଭୁବନେଶ୍ୱର ମଙ୍ଗଳବାର, ମାର୍ଚ୍ଚ ୪, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ସ୍ୱରାଜ ଆଶ୍ରମ, ସମାଜ କାର୍ଯ୍ୟାଳୟ, ପ୍ରଜାତନ୍ତ୍ର କାର୍ଯ୍ୟାଳୟ, ଜାନକୀନାଥ ଭବନ ଓ ମଧୁବାବୁଙ୍କ ଜନ୍ମସ୍ଥାନକୁ ଗସ୍ତ କଲେ ପିସିସି ସଭାପତି ଭକ୍ତଚରଣ ଦାସ



ଭୁବନେଶ୍ୱର(ପି.ଏନ): ଆଜି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଭକ୍ତ ଚରଣ ଦାସ କଟକ ସହର ଗସ୍ତ ଅବସରରେ ପିସିସି ସଭାପତି ଶ୍ରୀ ଦାସଙ୍କୁ ପ୍ରଥମେ ଖପୁରିଆ ଛକରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଥମେ ସେ ସ୍ୱରାଜ ଆଶ୍ରମରେ ପଂହଚିଥିଲେ। ସେଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଗୋପବନ୍ଧୁ ଚୌଧୁରୀ, ଭାଗିରଥି ମହାପାତ୍ର ପ୍ରମୁଖ ସ୍ୱାଧୀନତା ସଂଗ୍ରାମର ମହାନାୟକ ମାନଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଏହାପରେ ପିସିସି ସଭାପତି ଦୈନିକ ଓଡ଼ିଆ ସମ୍ବାଦପତ୍ର ସମାଜର ମୁଖ୍ୟ କାର୍ଯ୍ୟାଳୟ ଗସ୍ତକରି ସେଠାରେ ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସଭାପତି ତଥା ସମଜାର ପ୍ରତିଷ୍ଠାତା ପଣ୍ଡିତ ଗୋପବନ୍ଧୁ ଦାସ, ସମାଜର ପୂର୍ବତନ ସମ୍ପାଦକ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରାଧାନାଥ ରଥ ଏବଂ ଅନ୍ୟ ରାଷ୍ଟ୍ରନାୟକଙ୍କ ପ୍ରତିମୂର୍ତି ଓ ପ୍ରତିକୃତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଏହାପରେ ଅତୁଲ୍ୟ ରାଷ୍ଟ୍ରଭକ୍ତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଓଡ଼ିଆବଜାର ସ୍ଥିତ ଜନ୍ମସ୍ଥାନ ଜାନକୀନାଥ ଭବନ ଗସ୍ତକରି ସେଠାରେ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କଟକର ଆରାଧ୍ୟା ଦେବୀ ମା' କଟକଚଣ୍ଡୀ ମନ୍ଦିର ଗସ୍ତକରି ସେଠାରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ପିସିସି ସଭାପତି ଦୈନିକ ସମ୍ବାଦପତ୍ର ପ୍ରଜାତନ୍ତ୍ର କାର୍ଯ୍ୟାଳୟ ଗସ୍ତକରି ସେଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ ପିସିସି ସଭାପତି ଓ ମହାନ ସ୍ୱାଧନତା ସଂଗ୍ରାମୀ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ କଟକ ପ୍ରେସଛକ ଠାରେ ମଧ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ପିସିସି ସଭାପତି ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ଗସ୍ତ କରିବାସମୟରେ ଜଗତପୁର ଗୋଲେଇ ଛକ, ପୀରବଜାର ସ୍ଥିତ ସାଲେପୁର କଂଗ୍ରେସ କାର୍ଯ୍ୟାଳୟ ଓ ପାଗାଛକ ଠାରେ ତାଙ୍କୁ କଂଗ୍ରେସ କର୍ମୀମାନେ ସମ୍ବର୍ଦ୍ଧିତ କରିଥିଲେ। ପିସିସି ସଭାପତି ସତ୍ୟଭାମାପୁର ଠାରେ ମଧୁବାବୁଙ୍କ ଜନ୍ମସ୍ଥାନକୁ ପ୍ରବେଶ କରୁଥିବା ସମୟରେ ସେଠାରେ ଧାରଣାରେ ବସିଥିବା ସ୍ଥାନୀୟ ଗ୍ରାମବାସୀବୃନ୍ଦଙ୍କୁ ସାକ୍ଷାତକରି ସେମାନଙ୍କର ଅଭିଯୋଗ ଶୁଣିଥିଲେ। ମଧୁବାବୁଙ୍କ ଜନ୍ମସ୍ଥାନକୁ ସୁନ୍ଦରଭାବେ ଗଢ଼ିବାପାଇଁ ସରକାର ଅର୍ଥପ୍ରଦାନ କରିଥିଲେ ବି ଏହାର ଜମିଜମା ଅଧିଗ୍ରହଣ ସମସ୍ୟା ସରକାର ସମାଧାନ କରୁନଥିବାରୁ ଏଠାରେ ସରକାରୀ ଅର୍ଥ ବିନିଯୋଗ ହୋଇପାରୁ ନାହିଁ। ଏହି ଅବସରରେ ପିସିସି ସଭାପତି କହିଥିଲେ ଯେ ମଧୁବାବୁ ହେଉଛନ୍ତି ଉତ୍କଳ ପ୍ରଦେଶର ବିଧାଣୀ। ଓଡ଼ିଆ ଜାତିପାଇଁ ସେ ଚିର ନମସ୍ୟ, ମାତ୍ର ତାଙ୍କର ଜନ୍ମପୀଠକୁ ହତାଦର କରି ଛାଡ଼ି ଦିଆଯାଇଛି। ଏହା ଓଡ଼ିଆ ଅସ୍ମିତା ଏବଂ ଓଡ଼ିଆ ଜାତି ପ୍ରତି କୁଠାରଘାତ। ଏଠିକାର ସ୍ଥାନୀୟ ବାସିନ୍ଦା ଏବଂ ମଧୁ ପ୍ରେମୀ ମାନଙ୍କର ଦାବି ଯଥାର୍ଥ ଏବଂ ମଧୁବାବୁଙ୍କର ଜନ୍ମସ୍ଥାନ ଜମିଜମା ସମସ୍ୟାର ସମାଧାନ ପାଇଁ ପ୍ରଦେଶ କଂଗ୍ରେସ ପ୍ରଚେଷ୍ଟା କରିବ ଏବଂ ସରକାରଙ୍କ ପାଖରେ ଦୃଢ଼ ଦାବୀ କରିବ ବୋଲି ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ। ସେଠାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ତାଙ୍କର ଏକ୍ତିଆରଶାଳ ଯାଇ ଦେଖିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମରେ ମହମ୍ମଦ ମୋକିମ, ସୁରେଶ ମହାପାତ୍ର, ନବଜ୍ୟୋତି ପଟ୍ଟନାୟକ, ସୋଫିଆ ଫିର୍ଦ୍ଦୋଶ, ରବି ମଲ୍ଲିକ, ବିଜୟଲକ୍ଷ୍ମୀ ସାହୁ, ଡ. ଦେବାଶିଷ ପଟ୍ଟନାୟକ, ରଣଜିତ ପାତ୍ର, ବିଶ୍ୱଜିତ ଦାଶ, ସିଦ୍ଧାର୍ଥ ସ୍ୱରୂପ ଦାସ, ଆକୁବ ଖାନ, ସୁଧାଂଶୁ ଦେଓ, ମନୋଜ ବିଶ୍ୱାଳ, ଶିଶିର ରଥ, ଶାନ୍ତାୟନ ମିଶ୍ର, ପ୍ରଦୀପ ମହାପାତ୍ର, ମହମ୍ମଦ ପରଭେଜ, ପ୍ରିୟଜିତ ରାୟ, ରାମଚନ୍ଦ୍ର ଗୋଛାୟତ, ସୁଦର୍ଶନ ସାହୁ, ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, ଗିରିବାଳା ବେହେରା, ମଞ୍ଜୁଶ୍ରୀ କଳ୍ପନା ରାଉତ, ଶିଳ୍ପିଶ୍ରୀ ହରିଚନ୍ଦନ, ସସ୍ମିତା ପଣ୍ଡା, ବଟକୃଷ୍ଣ ରାଉତରାୟ, ବେଣୁଧର ପ୍ରଧାନ, ଆଶୁତୋଷ ବରାଳ, ମାନସ ପରିଡ଼ା, ପ୍ରଦୀପ ଦାସ, ନାରାୟଣ ଜେନା, ରମାକାନ୍ତ ବେହେରା, ଅଲେଖ ସ୍ୱାଇଁ, ଆଶୁତୋଷ ରାଉତ, ଅମ୍ରିତା ଦାସ, ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,(ପି ଏନ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୪୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୮ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୬ ଟି, ଆବାସ ଯୋଜନା ସମ୍ପର୍କୀୟ ୧ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୧୭ ଟି, ପେନସନ ପାଇବା ପାଇଁ ୩ ଟି, ପୋଲିସ ସହାୟତା ପାଇବା ପାଇଁ ୩ ଟି, ଏବଂ ଅନ୍ୟାନ୍ୟ ୬ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ,ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବିନାରାୟଣ ଜେଠୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

## 'ଓମେନ୍ସ' ର ୧୯ତମ ବାର୍ଷିକୋତ୍ସବ ଅନୁଷ୍ଠିତ

ଭୁବନେଶ୍ୱର,(ପି.ଏନ): ଏରାଜ୍ୟର ଅନ୍ୟତମ ଅଗ୍ରଣୀ ନାରୀ ସଙ୍ଗଠନ 'ଓମେନ୍ସ'ର ୧୯ତମ ବାର୍ଷିକୋତ୍ସବ ଓ ରାଜ୍ୟସ୍ତରୀୟ ମାତୃ ସମ୍ମିଳନୀ-୨୦୨୫ ଆସନ୍ତା ୪ ମାର୍ଚ୍ଚ ୨୦୨୫ ପୂର୍ବାହ୍ନ ୧୦ ଘଟିକା ସମୟରେ ସାମ୍ବାଦିକ ଭବନ, ମାଷ୍ଟର କ୍ୟା ିନ୍ ଠାରେ ମାନ୍ୟବର ବାଚସ୍ପତିଙ୍କ କରକମଳରେ ଉଦ୍‌ଘାଟିତ ହେବ। ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡ଼ା, ବିରୋଧି ଦଳର ନେତା ଶ୍ରୀ ନବୀନ ପଟ୍ଟନାୟକ, ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ, ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ, ଡା. ବିଶ୍ୱଜିତ ପଟ୍ଟନାୟକ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଅଛି।

## ଯୁଗ୍ମ ଅଭିଯୋଗ ଶୁଣାଣି ରାୟଗଡା ଜିଲ୍ଲା ସଦର ମହକୁମା ଠାରେ ଅନୁଷ୍ଠିତ



ରାୟଗଡ ,(ପି.ଏନ): ଆଜି ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ରାୟଗଡ ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲାପରିଷଦ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିହାର ରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ, ଆରୋକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ , ଜିଲ୍ଲାପରିଷଦ, ରାୟଗଡ, ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ,ଉପଜିଲ୍ଲାପାଳ ରାୟଗଡ, ଶ୍ରୀ ରମେଶ ଜେନା,ସିଡିଏମଓ ରାୟଗଡ ଡାକ୍ତର ଲାଲମାହନ ରାଉତରାୟ, ପ୍ରକଳ୍ପ ପ୍ରଶାସକ ସମ୍ମନ୍ବିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ, ଶ୍ରୀ ଚନ୍ଦ୍ର କାନ୍ତ ମାଝୀ, , ବିଡିଓ ରାୟଗଡ, ଶ୍ରୀ ସୁଜିତ କୁମାରୀ ମିଶ୍ର, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ୬୧ଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ୪୯ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୨ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ଏହି ଶିବିରରେ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କହଁର ଏହି ଅଭିଯୋଗ ପାଇଲାପରେ ସଂପୃକ୍ତ ବିଭାଗକୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ଅରିଲୋ ଦୋଳ ମେଳଣ ଶାନ୍ତି କମିଟି ବୈଠକ



ଫୁଲନଖରା,(ପି.ଏନ): ସଦର ଥାନା ଅନ୍ତର୍ଗତ ପ୍ରସିଦ୍ଧ ଅରିଲୋ ଦୋଳ ମେଳଣ ପାଇଁ ଏକ ପ୍ରସ୍ତୁତି ବୈଠକ ଅରିଲୋସ୍ଥିତ ଜନାର୍ଦ୍ଦନ ଦେବଙ୍କ ପୀଠ ପରିସରରେ ଅନୁଷ୍ଠିତ ହୋଇଥିଲା । ସୁନ୍ଦର ପବିତ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମେଳଣକୁ ଆସୁଥିବା ସମସ୍ତ ଠାକୁରଙ୍କ ମାର୍ଫତଦାର , ଗ୍ରାମବାସୀ ଉପସ୍ଥିତ ହୋଇ ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମେଳଣକୁ ଶାନ୍ତି ଶୃଙ୍ଖଳା ସହ ଶେଷ କରିବାକୁ ୨୨ ଜଣଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ସଦର ଥାନାର ଅଞ୍ଚଳର ଏହା ଏକ ପ୍ରସିଦ୍ଧ ତଥା ବୃହତ୍ତମ ମେଳଣ ହୋଇଥିଲେ ସୁଧା ସ୍ଥାନୀୟ ପୁଲିସ ପ୍ରଶାସନର କୌଣସି ଅଧିକାରୀ ଏଥିରେ ଯୋଗ ଦେଇନଥିଲେ । ଫଳରେ ଉପସ୍ଥିତ ମାର୍ଫତଦାର ଓ ଗ୍ରାମବାସୀଙ୍କର କିପରି ଶାନ୍ତି ଶୃଙ୍ଖଳା ସହ ମେଳଣ ହେବ ସେଥିପ୍ରତି ସନ୍ଦେହ ସୃଷ୍ଟି ହୋଇଥିଲା । ପାରମ୍ପରିକ ରୀତିନୀତି ଅନୁସାରେ ଠାକୁରମାନେ ଆସି ମେଳଣରେ ଠିକ ସମୟରେ ଯୋଗ ଦେଇ ମେଳଣ କରିବେ ବୋଲି ଆଲୋଚନା ହୋଇଥିଲା । ଏଥିରେ ଅରିଲୋ ଗ୍ରାମ୍ୟ କମିଟି ସଭାପତି ପ୍ରବୀର କୁମାର ମହାନ୍ତି, ସଂପାଦକ ନୀଳମଣୀ ଦାସ, ଜନାର୍ଦ୍ଦନଙ୍କ ମ୍ୟାନେଜିଙ୍ଗ ଟ୍ରଷ୍ଟି ସନାତନ ନନ୍ଦ, ପର୍ଶୁରାମ ସେନାପତି, ଯୁଧିଷ୍ଠିର ଭୋଳ, ଶରତ କୁମାର ରଥ, ଅଶୋକ କୁମାର ରଥ, ପ୍ରଣବ ପଟ୍ଟନାୟକ, କାହ୍ନୁ ଚରଣ ପାତ୍ର, କୃଷ୍ଣଚନ୍ଦ୍ର ମଲ୍ଲିକ, ଅଜୟ କୁମାର ବେଉରା, ରାଜକିଶୋର ଶତପଥି, ନରୋତ୍ତମ ଦାସଙ୍କ ସମେତ ଠାକୁରଙ୍କ ମାର୍ଫତଦାର, ସମସ୍ତ ଗ୍ରାମବାସୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆଇସିଏସଏସଏସ ଆର ଆନୁକୁଲ୍ୟରେ ସାହିତ୍ୟ ସନ୍ଧ୍ୟା ଓ କବିତା ଆସର



ଭୁବନେଶ୍ୱର, (ପି.ଏନ):,ଆଜି ଆଇସିଏସଏସଏସ ଆର (ICSSR) ଆନୁକୁଲ୍ୟରେ ଏକ ସାହିତ୍ୟ ସନ୍ଧ୍ୟା ଓ କବିତା ଆସର , ସହିଦନଗରର ସ୍ଥିତ ଜେହୋବା ଗ୍ରୁପ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି ! ଅବସର ପ୍ରାପ୍ତ ଆଇ ଏ ଏସ ଅଫିସର୍ ଓ ପ୍ରାକ୍ତନ ଓଡ଼ିଶା ସରକାର ଙ୍କ ର ଉନ୍ନୟନ କମିଶନର ତଥା ପ୍ରଥିତଯଶା ସାହିତ୍ୟିକ ଡକ୍ଟର ରବି ନାରାୟଣ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଥମେ ସାହିତ୍ୟ ଓ ସମାଜ ସମ୍ପର୍କରେ ତାଙ୍କ ବକ୍ତବ୍ୟ ରଖିଥିଲେ! ସାହିତ୍ୟ କେବଳ ସମସାମୟିକ ଜୀବନ ବା ସମାଜର ପ୍ରତିଫଳନ ନୁହେଁ ,ଏହା ବ୍ୟକ୍ତି ଓ ସମାଜକୁ କେଉଁ ଧାରା ରେ ଚାଲିବ ତାହା ଦିଗ୍‌ଦର୍ଶନ୍ ଦେଇଥାଏ ! ତେବେ ଏଥି ପାଇଁ ସୁସହିତ୍ୟ ର ଆବଶ୍ୟକତା ଅଛି ବୋଲି ସେ କହିବା ସହିତ ଓଡ଼ିଶାର ସାହିତ୍ୟ ବହୁତ୍ ସମୃଦ୍ଧ ଓ ଯୁବ ପିଢ଼ି ତାହାର ସୁ ଉପଯୋଗ କରିବା ଆବଶ୍ୟକ ! ଏହି ସଭାରେ କବିୟତ୍ରି ଓ ସୁଲେଖିକା ସୁଲେଖା ସାମନ୍ତରାୟ ଓ ବିଶିଷ୍ଟ ଔପନ୍ୟାସିକା ରଶ୍ମୀ ରାଉଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜର କବିତା ପଢ଼ିବା ସହ ସାହିତ୍ୟର ସମାଜ ପ୍ରତି ଅଙ୍ଗୀକାରବଧତା ସମ୍ପର୍କରେ ନିଜ ନିଜର ମତ ରଖିଥିଲେ ! ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ନିରଞ୍ଜନ ବାରିକ୍ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାହିତ୍ୟ ଆସରରେ , ଜେହୋଭା ଗ୍ରୁପ୍ ର ମୁଖ୍ୟ ନୃସିଂହ ନାଥ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ ! ଓଡ଼ିଶା ର ପ୍ରାକ୍ତନ ଅତିରିକ୍ତ ପୋଲିସ ଡି ଜି , ଡକ୍ଟର ଗୋପବନ୍ଧୁ ମଲ୍ଲିକ ସଂଗଠନ ର ଆଭିମୁଖ୍ୟ ବର୍ଣ୍ଣନା କରିବା ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ! ଏଥିରେ ଅନେକ କବି ସେମାନଙ୍କର ନିଜସ୍ୱ କବିତା ପାଠ କରିଥିଲେ ! ଅନ୍ୟ ମାନଙ୍କ ମଧ୍ୟରେ , ଡକ୍ଟର ରବି ନାରାୟଣ ସେନାପତି , ଶ୍ରୀମତୀ ଶୁଲେଖା ସାମନ୍ତରାୟ ,ଶ୍ରୀମତୀ ରଶ୍ମି ରାଉଳ , ପ୍ରଫେସର୍ ନିରଞ୍ଜନ ବାରିକ୍ ,ଡକ୍ଟର ଗୋପବନ୍ଧୁ ମଲ୍ଲିକ, ଡକ୍ଟର ମିହିର ରାୟ, , ଶ୍ରୀ ଦେବେନ୍ଦ୍ର ପ୍ରସାଦ ଦାସ , ପ୍ରଫେସର ସଂଗ୍ରାମ କେଶରୀ ରାଉତ , ବସନ୍ତ ଦାଶ , ଧରିତ୍ରୀ ପ୍ରିୟଦର୍ଶିନୀ,ନିରୁପମା ସ୍ୱାଇଁ ,ସ୍ମୃତି ରଞ୍ଜନ ଦାସ ,ଡକ୍ଟର ସୁଶାନ୍ତ ଦାସ ,ଦୀପିକା ସାମନ୍ତରାୟ , ଅନୁପ ଅଗ୍ରୱାଲ , ଜଗଦୀଶ ସାହୁ ,ପ୍ରଭୃତି କବିତା ପାଠ କରିଥିଲେ ! ଅନ୍ୟତମ ଅବସର ପ୍ରାପ୍ତ ଆଇ ଏ ଏସ୍ ଅଫିସର୍ ଓ ପ୍ରାକ୍ତନ ଅର୍ଥ ବିଭାଗ ର ସ୍ୱତନ୍ତ୍ର ସଚିବ ଶ୍ରୀ କବିନ୍ଦ୍ର ନାଥ ଖଟାଇ ସ୍ୱ କବିତା ପାଠ କରିବା ସହ କବିତା ର ସମୀକ୍ଷା କରିଥିଲେ ଓ ସମାଜ ପାଇଁ ସାହିତ୍ୟର ଗୁରୁତ୍ୱ ର ଉଦାହରଣ ଦେଇଥିଲେ ! ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର୍ ନିର୍ମଳ ଦାସ , ଅବସରପ୍ରାପ୍ତ ଏସ ବି ଆଇ ବ୍ୟାଙ୍କ୍ ଅଧ୍ୟକ୍ଷ ରେବତୀ ବିଶ୍ୱାଳ , ଶରତ ବେହେରା , ସୁଲଗ୍ନା ସୁଚରିତା ,ଭାସ୍କର ଚନ୍ଦ୍ର ସେଠୀ , ମିନାକ୍ଷୀ ଚୌଧୁରୀ ,ଓଡ଼ିଶୀ ନୃତ୍ୟ ଶିଳ୍ପୀ ଗୁଡ଼ି ,ପ୍ରଭୃତି ଯୋଗ ଦେଇଥିଲେ ।ପରିଶେଷରେ ଡକ୍ଟର ସୁଶାନ୍ତ ଦାସ ଅତିଥି ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray